ଟିପ୍ପଣୀ

# ଏକକ ୧ ଭାରତୀୟ ଶିକ୍ଷା ବ୍ୟବସ୍ଥା-୧

## ସଂରଚନା


୧.୦ ଉପକ୍ରମ

୧.୧ ଶିକ୍ଷଣ ଉଦ୍ଦେଶ୍ୟ

୧.୨ ପ୍ରାଚୀନ ଭାରତୀୟ ଶିକ୍ଷା-ଏକ ବିହଙ୍ଗାବଲୋକନ

- ୧.୨.୧ ପ୍ରାଚୀନ କାଳରେ ଗୁରୁ ଅବଧାରଣା।
- ୧.୨.୨ ଗୁରୁଙ୍କ ଭୂମିକା ଓ ଦାୟିତ୍ୱ
- ୧.୨.୩ ବର୍ତ୍ତମାନର ପେଶାଦାର ଶିକ୍ଷକ
- ୧.୨.୪ ଶିକ୍ଷକଙ୍କ ବୈଶିଷ୍ଟ୍ୟ, ଭୂମିକା ଓ ଦାୟିତ୍ୱ

୧.୩ ସାମ୍ପ୍ରତିକ ଭାରତୀୟ ଶିକ୍ଷାର ଉତ୍ପତ୍ତି: ପ୍ରାକ୍ ସ୍ୱାଧୀନତା ଯୁଗ

- ୧.୩.୧ ମକାଉଲେଙ୍କ ମିନିଟ୍
- ୧.୩.୨ ଉଡ୍ସ ଡିସ୍‌ପାଚ୍
- ୧.୩.୩ ହଣ୍ଟର୍ କମିଶନ୍
- ୧.୩.୪ ବିଶ୍ୱବିଦ୍ୟାଳୟ କମିଶନ୍
- ୧.୩.୫ ସେଡ୍‌ଲର୍ କମିଶନ୍
- ୧.୩.୬ ହାର୍‌ଟୋଗ୍ କମିଟି
- ୧.୩.୭ ସାପ୍ରୁ କମିଟି
- ୧.୩.୮ ଆବୋଟ୍-ଉଡ୍ ରିପୋର୍ଟ
- ୧.୩.୯ ଜାକୀର ହୁସେନ୍ କମିଟି ରିପୋର୍ଟ
- ୧.୩.୧୦ ସର୍ଜେଣ୍ଟ୍ ରିପୋର୍ଟ

୧.୪ ସାରାଂଶ

୧.୫ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୧.୬ ପାଠାନ୍ତ ପ୍ରଶ୍ନାବଳୀ


## ୧.୦ ଉପକ୍ରମ

ତୁମେ ହୃଦୟଙ୍ଗମ କରୁଥିବ ଯେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ (*UEE*) ସାମ୍ପ୍ରତିକ ବିଶ୍ୱରେ ଏକ ବିଶେଷ ଚିନ୍ତାର କାରଣ ହୋଇଛି । ଶିକ୍ଷାର ଏହି ସାର୍ବଜନୀନକରଣ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ (*MDG*) ମଧ୍ୟରେ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି, ଏବଂ ଯାହାର ଗୁରୁତ୍ୱ





ମଣିଷର ଜୀବିକା ନିର୍ବାହର ପରେ ଦ୍ୱିତୀୟ । ଏହି ଲକ୍ଷ୍ୟକୁ ବିଶ୍ୱର୍ ଦୁଇ ଶହରୁ ଉର୍ଦ୍ଧ୍ୱ ଦେଶ ଦ୍ୱାରା ୧୫ ବର୍ଷ ମଧ୍ୟରେ ହାସଲ କରିବାର ଥିଲା, ଯାହାର ସମୟ ଅବଧି ପୁରି ଯାଇଛି । ଭାରତ ମଧ୍ୟ ଏହି ନିଷ୍ପତ୍ତିର ଅଂଶବିଶେଷ । ତୁମେ ଦେଖୁଥିବ ଯେ ଦେଶରୁ ନିରକ୍ଷରତା ଦୂରୀକରଣ ଏବଂ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ(*UEE*) ର ଲକ୍ଷ୍ୟ ହାସଲ ପାଇଁ ଗତ ଅର୍ଦ୍ଧଶତାବ୍ଦୀ ଧରି ଆମର ନିରବଛିନ୍ନ ଉଦ୍ୟମ ଏବେ ଫଳବତୀ ହେବା ଆରମ୍ଭ କରିଛି । ଅଜି ଆମର ବିଶାଳ ଜନସଂଖ୍ୟା ପାଇଁ ଆମର ଏକ ବୃହତ୍ ଶିକ୍ଷା ବ୍ୟବସ୍ଥା ଅନୁସୃତ ଅଛି,ଯେଉଁଠି ଉନ୍ନତ ନାମାଙ୍କନ ଓ ଧାରଣ (*Retention*) ଏବଂ ଶିକ୍ଷକ-ଛାତ୍ର ହାର, ଉଚ୍ଚ ସାକ୍ଷରତା ହାର, ଉନ୍ନତ ଭିତ୍ତିଭୂମି ସୁଯୋଗ ଓ ସେସବୁର ଅଭିବୃଦ୍ଧି ଇତ୍ୟାଦି ବିଦ୍ୟାମାନ । ଅନ୍ୟପଟେ, ବିଭିନ୍ନ ଜାତୀୟ ପଦକ୍ଷେପ ଯଥା ସାକ୍ଷରତା ଅଭିଯାନ, ଏନ୍ଏଇପି, ଡିପିଇପି, *SSA*, ଶିକ୍ଷାର ଅଧିକାର (*RTE*)ଆଦିଥିବା ସତ୍ତ୍ୱେ ଲକ୍ଷ ଲକ୍ଷ ପିଲା ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ଅଛନ୍ତି । ଏବେବି ହଜାର ହଜାର ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଲକ୍ଷଲକ୍ଷ ଶିକ୍ଷକଙ୍କୁ ୨୦୧୯ ମଧ୍ୟରେ ତାଲିମ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରହିଛି । ଏଣୁ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥା(*NIOS*)ର ପ୍ରାଥମିକ ଶିକ୍ଷାରେ ଡିପ୍ଲୋମା (*D.El.Ed.*) କାର୍ଯ୍ୟକ୍ରମ ପରି ଶିକ୍ଷକ ତାଲିମ ପାଠ୍ୟକ୍ରମ ଅତିବ ଗୁରୁତ୍ୱପୂର୍ଣ୍ଣ ।

ଏହି ପାଠ୍ୟକ୍ରମର ପ୍ରଥମ ଅଧ୍ୟାୟର ଆରମ୍ଭରେ ଆମେ ଅଛେ । ଏହି ପାଠ୍ୟକ୍ରମର ଏହା ପ୍ରଥମ ଏକକ । ଏହି ଅଧ୍ୟାୟ ତୁମକୁ ଭାରତୀୟ ଶିକ୍ଷା-ପ୍ରାଚୀନରୁ ପ୍ରାକ୍ ସ୍ୱାଧୀନତା ଯୁଗ ପର୍ଯ୍ୟନ୍ତ ଶିକ୍ଷାର ଐତିହାସିକ ଦିଗ ସମ୍ବନ୍ଧରେ ଧାରଣା ଦେବ ।

ଇତିହାସ ଅଧ୍ୟୟନ କଲେ ତୁମେ ଜାଣିବ ଯେ ଭାରତୀୟ ସଂସ୍କୃତି ବିଶ୍ୱର ସର୍ବପୁରାତନ ସଂସ୍କୃତି ମଧ୍ୟରେ ଅନ୍ୟତମ । ଯେକୌଣସି ସଭ୍ୟତାର ସାଂସ୍କୃତିକ ଭାବଧାରା ଏବଂ ରାଷ୍ଟ୍ରର ଆଦର୍ଶ ସେହିସବୁ ରାଷ୍ଟ୍ରର ଶୈକ୍ଷିକ ପ୍ରତିଷ୍ଠାନ ଏବଂ ଅନୁସୃତ ଅଭ୍ୟାସରେ ପ୍ରତିଫଳିତ ହୋଇଥାଏ । ବାସ୍ତବରେ ଏକ ସଭ୍ୟ ସମାଜରେ ସମାଜର ସୃଷ୍ଟି, ବିକାଶ ଓ ଜୀବିକା ନିର୍ବାହ ଏବଂ ସମ୍ପ୍ରଦାୟର ସାଂସ୍କୃତିକ ବିକାଶ ଲକ୍ଷ୍ୟରେ ବିଦ୍ୟାଳୟ ପ୍ରତିଷ୍ଠାନ ଓ ଶିକ୍ଷା ପଦ୍ଧତି ପ୍ରତିଷ୍ଠା ଓ ପ୍ରଚଳନ କରାଯାଇଥିଲା । ଏହା ଆମ ଦେଶରେ ମଧ୍ୟ ଘଟିଛି । ଭାରତୀୟ ଶିକ୍ଷା ବ୍ୟବସ୍ଥା ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଆଧାରିତ । ଅନେକ ଅସୁବିଧା ସତ୍ତ୍ୱେ ଆମର ଶିକ୍ଷା ବ୍ୟବସ୍ଥା ସାମାଜିକ ପୁନର୍ଗଠନ ଓ ବିକାଶ କ୍ଷେତ୍ରରେ ଏକ ଶକ୍ତିଶାଳୀ କାରକଭାବେ ପରିଗଣିତ ହୋଇଛି ।

ପ୍ରାଚୀନ ଭାରତରେ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା ଏବଂ ସେହି ସମୟରେ ଯେତେବେଳେ ମୁଦ୍ରଣର କୌଣସି ସୁଯୋଗ ନଥିଲା, କି କୌଣସି ସୂଚନା ଓ ଯୋଗାଯେଗ ଜ୍ଞାନକୌଶଳ ଉପଲବ୍ଧ ନଥିଲା, ସେତେବେଳେ ଶିକ୍ଷକ ଓ ଶୈକ୍ଷିକ ପ୍ରତିଷ୍ଠାନ କେମିତି ଶିକ୍ଷାକୁ ଜନସାଧାରଣଙ୍କ ଦୈନନ୍ଦିନ ଜୀବନର ଅଂଶଭାବେ ଥିଲା ତାହା ଜାଣି ତୁମେ ଆନନ୍ଦିତ ହେବ । ତୁମେ ମଧ୍ୟ ଭାରତୀୟ ଶିକ୍ଷା ବ୍ୟବସ୍ଥାର

ମୂଳ ଠାବ କରିବା ସହ ସାମ୍ପ୍ରତକି ସମୟରେ ଏହାର ପ୍ରାସଙ୍ଗିକତା ଓ ଏକବିଂଶ ଶତାବ୍ଦୀରେ ଏହାର ବୈଶ୍ୱିକ ଦିଗ ସମ୍ପର୍କରେ ମଧ୍ୟ ଅବଗତ ହୋଇପାରିବ ।

ଏହି ଏକକରେ ପ୍ରାଚୀନ ଭାରତୀୟ ସମାଜରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା ମଧ୍ୟ ଆମେ କରିବା । ଆମେ ମଧ୍ୟ ଗୁରୁଙ୍କ ପରିବର୍ତ୍ତନୀୟ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଜାଣିବା । ଏହା ସହିତ ୧୯୪୭ ପୂର୍ବରୁ ବ୍ରିଟିଶ ରାଜ ସମୟରେ ଭାରତରେ ଶିକ୍ଷାର ବିକାଶ ପାଇଁ ବିଭିନ୍ନ କମିଶନ୍ (ଆୟୋଗ) ଏବଂ କମିଟି (ସମିତି)ର ସୁପାରିଶ ଏବଂ ତାହାର ପ୍ରଭାବ ବର୍ତ୍ତମାନର ଶିକ୍ଷା ଉପରେ କିପରି ରହିଛି, ତାହା ମଧ୍ୟ ଆମେ ସମୀକ୍ଷା ଓ ମୂଲ୍ୟାୟନ କରିବା । ୧୯୪୭ରେ ଆମେ ମୁକ୍ତ ଓ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଶିକ୍ଷା ବିଶେଷକରି ପ୍ରାରମ୍ଭିକ ଶିକ୍ଷାର ବିକାଶ ସଂକ୍ରାନ୍ତରେ ମଧ୍ୟ ଆମେ ଜ୍ଞାନଲାଭ କରିପାରିବା ।

## ୧.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ ପରେ ତୁମେ :

- ପ୍ରାଚୀନ ଭାରତୀୟ ଶିକ୍ଷା ବିଷୟରେ ଆଲୋଚନା କରିବାରେ ସକ୍ଷମ ହେବ,
- ପ୍ରାଚୀନ ଭାରତୀୟ ସଂସ୍କୃତିରେ ଗୁରୁଙ୍କ ଭୂମିକା ଓ ସ୍ଥିତିର ମୂଲ୍ୟାୟନ କରିବ,
- ଐତିହାସିକ ଯୁଗରେ ଶିକ୍ଷାର ଧାରା, ପରିସ୍ଥିତି ସମସ୍ୟାର ଚିହ୍ନଟ କରିପାରିବ,
- ସାମ୍ପ୍ରତିକ ପ୍ରାରମ୍ଭିକ ଶିକ୍ଷା ପୃଷ୍ଠଦେଶରେ ଥିବା ଘଟଣାବଳୀର ସମୀକ୍ଷା-ଐତିହାସିକ ଘଟଣାବଳୀ ଯେଉଁ କାରଣ ଯୋଗୁଁ ସାମ୍ପ୍ରତିକ ପ୍ରାରମ୍ଭିକ ଶିକ୍ଷା ବର୍ତ୍ତମାନ ରୂପରେ ଅଛି ତାର ସମୀକ୍ଷା କରି ପାରିବ,
- ପ୍ରାରମ୍ଭିକ ଶିକ୍ଷା ପ୍ରସଙ୍ଗରେ ବିଭିନ୍ନ କମିଶନ୍ ଓ କମିଟିର ସୁପାରିଶର ପ୍ରଭାବ ସଂକ୍ରାନ୍ତ ଆଲୋଚନା କରିପାରିବ

## ୧.୨ ପ୍ରାଚୀନ ଭାରତୀୟ ଶିକ୍ଷା-ଏକ ବିହଙ୍ଗାବଲୋକନ

ପ୍ରାଚୀନ ଭାରତୀୟଙ୍କ ଶୈକ୍ଷିକ ତତ୍ତ୍ୱ ଓ ପ୍ରୟୋଗ ସଂକ୍ରାନ୍ତରେ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ତୁମେ କୌଣସି ପୁସ୍ତକ ପାଇବ ନାହିଁ; ଯଦିଓ ଦୀର୍ଘ ସମୟ ଧରି ତତ୍ତ୍ୱଗତ ଓ ପ୍ରୟୋଗଗତ ବିଦ୍ୟା ସେସମୟରେ ପ୍ରଚଳିତ ଥିଲା । ସୂତ୍ର ଓ ସ୍ମୃତି ରୂପକ ପ୍ରାଚୀନ ଶାସ୍ତ୍ରରେ ମାଧ୍ୟମିକ ଓ ଉଚ୍ଚ ଶିକ୍ଷାର ମୁଖ୍ୟ ବୈଶିଷ୍ଟ୍ୟର କେତେକ ଆଙ୍ଗିକ ବିବରଣ ମିଳିଥିଲେ ମଧ୍ୟ ପ୍ରାରମ୍ଭିକ ଶିକ୍ଷା ସଂକ୍ରାନ୍ତରେ କୌଣସି ପୃଥକ ବିବରଣୀ ନଥିଲା । ବୋଧହୁଏ ପ୍ରାଚୀନ କାଳରେ ଶିକ୍ଷାକୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଚାଲିଥିବା ଶିକ୍ଷା ଗ୍ରହଣର ବ୍ୟବସ୍ଥା ଥିଲା, ଯାହା ଆମ ବିବର୍ତ୍ତନ ପ୍ରକ୍ରିୟାଭାବେ ଗ୍ରହଣ କରାଯାଉଥିଲା । ପ୍ରାଥମିକ ସ୍ତରରେ ଏହା ଜୀବନ ଜୀଇଁବାର ଶିକ୍ଷା, ଦୈନନ୍ଦିନ ଜୀବନ ଚର୍ଯ୍ୟାର କାର୍ଯ୍ୟସୂଚୀ ଶିକ୍ଷା

ଟିପ୍ପଣୀ

ଗ୍ରହଣର ବ୍ୟବସ୍ଥା ଥିଲା । ଏଣୁ, ଏହାକୁ ଆନୁଷ୍ଠାନିକଭାବେ ଏକ ପୃଥକ ସ୍ତର ରୂପେ ବିବେଚନା କରାଯାଉନଥିଲା । ଏହା ଜୀବନ ପାଇଁ ଏକ ପ୍ରସ୍ତୁତିପର୍ବ ଥିଲା ।

ଦେଶର ପ୍ରାଚୀନ ସାହିତ୍ୟରୁ ତୁମେ ଜାଣିବାକୁ ପାଇବ ଯେ ଜ୍ଞାନକୁ 'ତୃତୀୟ ନେତ୍ର'ଭାବେ ବିବେଚନା କରାଯାଉଥିଲା; ଯାହା ଜୀବନର ସମସ୍ତ ବ୍ୟାପାରରେ ଅନ୍ତଃଦୃଷ୍ଟି ପ୍ରଦାନ କରୁଥିଲା ଆମ ପୂର୍ବଜମାନେ ଭାବୁଥିଲେ, 'ଶିକ୍ଷା ଦ୍ୱାରା ବିକଶିତ ସଠିକ୍ ଅନ୍ତଃଦୃଷ୍ଟି, ବିଜ୍ଞତା ବୃଦ୍ଧି କରେ'; ଯାହାକୁ ଆମେ 'ଶକ୍ତି ଓ ଦକ୍ଷତା' ମାନୁ । ଏହା ଦ୍ୱାରା ସର୍ବାଙ୍ଗୀଣ ବିକାଶ, ପ୍ରଗତି ଓ ଜୀବନର ତାଡ଼ନାରୁ ମୁକ୍ତି ମିଳେ । ମଣିଷର ସବୁ ସୁଖର ମୂଳ ହେଉଛି ଶିକ୍ଷା । ଏହା ଦକ୍ଷତା ବୃଦ୍ଧି କାରକଭାବେ ବିଶ୍ୱାସ କରାଯାଉଥିଲା; ଯାହା ବ୍ୟକ୍ତିକୁ ନାମ, ଯଶ, ସମ୍ମାନ ଓ ସମ୍ପଦ ଆହରଣରେ ସକ୍ଷମ କରୁଥିଲା । ସମ୍ପଦ ଯେ କେବଳ ସୁଖପ୍ରଦାନକାରୀ ତା' ନୁହେଁ, ଏହା ଆମର ଧର୍ମୀୟ, ସାମାଜିକ ଓ ପାରିବାରିକ କର୍ତ୍ତବ୍ୟ ଠିକ୍‌ଭାବେ ସମ୍ପାଦନ କରିବାରେ ସହାୟକ ହେଉଥିଲା । ଏହା ଶେଷରେ ମୁକ୍ତି ପ୍ରଦାନ କରାଉଥିଲା । ନୀତିଶତକରେ ଭର୍ତ୍ତୃହରି କହିଛନ୍ତି, 'ଶିକ୍ଷା ବ୍ୟତିରେକ ଆମେ ପଶୁ' । ଏହା ବିଶ୍ୱାସ କରାଯାଉଥିଲା ଯେ ଶିକ୍ଷା ଉଭୟ ବ୍ୟକ୍ତିଗତ ଓ ସମାଜରେ ବିଭିନ୍ନ ଭାବରେ ବଡ଼ ଧରଣର ପରିବର୍ତ୍ତନ ଆଣେ ।

- (୧) (ଜ୍ଞାନଂ ତୃତୀୟଂ ମନୁଜସ୍ୟ ନେତ୍ରଂ !)
  ( ସୁଭାଷିତରତ୍ନସଂଦୋହ ପୃଷ୍ଠା-୧୯୪)
  ଜ୍ଞାନ ବ୍ୟକ୍ତିର ତୃତୀୟ ନୟନ ଅଟେ ।)
- (୨) (ବୁଦ୍ଧିଃ ଯସ୍ୟ ବଳଂ ତସ୍ୟ ! )
  ବୁଦ୍ଧି ଯାହାର ବଳ ତାହାର ।
- (୩) (ସା ବିଦ୍ୟା ଯା ବିମୁକ୍ତୟେ !)
  ଶିକ୍ଷା ବା ଜ୍ଞାନ ତାହା, ଯାହା ମୁକ୍ତି ପ୍ରଦାନ କରେ ।
- (୪) ବିଦ୍ୟା ଦଦାତି ବିନୟମ୍ ବିନୟାତ୍ ଆତି ପାତ୍ରତାମ୍ !
  ପାତ୍ରତ୍ୱାଧନମ୍ ଆପ୍ନୋତି ଧନାଧର୍ମ ତତଃ ସୁଖମ୍ ! !
- (୫) (ବିଦ୍ୟାବିହୀନଃ ପଶୁଃ !)
  ଶିକ୍ଷା ବିନା ଜଣେ ପଶୁ ତୁଲ୍ୟ ।

ବିଦ୍ୟାର ଆରମ୍ଭ ଉପନୟନ ସଂସ୍କାରରୁ ହେଉଥିଲା । ଉଭୟ ବାଳକ ଓ ବାଳିକା ଶିକ୍ଷାଲାଭ ପାଇଁ ହକ୍‌ଦାର ହେଉଥିଲେ । ପ୍ରାଚୀନ କାଳରେ ଏକାଧିକ ବିଦୂଷୀ ମହିଳା ଯଥା-ଗାର୍ଗୀ, ଆତ୍ରେୟି, କୌଶଲ୍ୟା, ତାରା, ଦ୍ରୌପଦୀ ଆଦିଥିବାର ଉଦାହରଣ ରହିଛି । ନିମ୍ନ ସ୍ତରର ଶିକ୍ଷା ପ୍ରତ୍ୟେହ ସାଂସାରିକ ଜୀବନ ଓ ସାମାଜିକ ଭାବବିନିମୟ ପାଇଁ ଜରୁରୀ; ଯାହା ବ୍ୟକ୍ତିକୁ ପାରିବାରିକ

ଟିପ୍ପଣୀ

ଜୀବନ ନିର୍ବାହ କରିବା ପାଇଁ ଉପଯୁକ୍ତ କରାଏ । ଉଚ୍ଚଶିକ୍ଷାର ଅନ୍ତର୍ଗତ ବ୍ୟାକରଣ, ଇତିହାସ, ପୁରାଣ, ଗଣିତ, ବେଦ, ତର୍କଶାସ୍ତ୍ର, ରାଜନୀତି ବିଜ୍ଞାନ, ଯୁଦ୍ଧକଳା ଏବଂ ପୂଜାର୍ଚ୍ଚନା/ଚାରୁକଳା ଇତ୍ୟାଦି ବୃତ୍ତିଯୋଗ୍ୟ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଏହାର ଅନ୍ତିମ ଲକ୍ଷ୍ୟ ଆତ୍ମାନୁଭୂତି ଥିଲା । ଶିକ୍ଷାର ଉଦ୍ଦେଶ୍ୟ ଏକ ଉନ୍ନତ ଜୀବନଯାପନ ପାଇଁ ଅଭ୍ୟାସ ଦ୍ୱାରା ପ୍ରୟୋଗଗତ କ୍ରୀୟାକଳାପର ଏକ ପ୍ରଶିକ୍ଷଣ ଥିଲା । ଜୀବନର ଚାରିଟି ପର୍ଯ୍ୟାୟ-ବ୍ରହ୍ମଚର୍ଯ୍ୟାଶ୍ରମ(ବ୍ରହ୍ମଚର୍ଯ୍ୟ ପାଳନ), ଗୃହସ୍ଥାଶ୍ରମ (ବୈବାହିକ ଜୀବନ), ବାନପ୍ରସ୍ଥାଶ୍ରମ (ଅବସର ଜୀବନ) ଏବଂ ସନ୍ନ୍ୟାସାଶ୍ରମ (ସନ୍ନ୍ୟାସୀ ଜୀବନ)ରେ ଦକ୍ଷତାର ସହ ଏକ ପୁତ୍ର, ସ୍ୱାମୀ ଓ ପିତାର କର୍ତବ୍ୟ ସମ୍ପାଦନ କରିବାକୁ ଶିକ୍ଷା ପ୍ରଦାନ କରାଯାଉଥିଲା । ଜଣେ ଛାତ୍ରକୁ ବୁଝାଇ ଦିଆଯାଉଥିଲା ଯେ ସେ ହେଉଛି ନିଜ ଜାତିର ସଂସ୍କୃତିର ବାର୍ତ୍ତାବହ ଓ ରକ୍ଷକ । ଜଣେ ଶିକ୍ଷାର୍ଥୀଙ୍କୁ ଶିକ୍ଷା ସମାପନ ପରେ ଦୀକ୍ଷାନ୍ତଭାଷଣ ସମାରୋହରେ ତାଙ୍କ ସାମାଜିକ ଦାୟିତ୍ୱ, କର୍ତ୍ତବ୍ୟ ଏବଂ ପ୍ରୟୋଗଗତ ବିଦ୍ୟା ଜରିଆରେ ସମାଜରେ ଜଣେ ଯୋଗ୍ୟ ,ସ୍ୱାବଲମ୍ବୀ ଏବଂ ସୁନାଗରିକଭାବେ ବଂଚିବା ପାଇଁ ଶିକ୍ଷା ଓ ନିର୍ଦ୍ଦେଶ ପ୍ରଦାନ କରାଯାଉଥିଲା ।( ୧ ଅଲ୍‌ଟେକାର, ୧୯୫୧ ପୃ. ୩୦୧-୩)

ଏଣୁ ଆଧ୍ୟାତ୍ମିକତା, ଚରିତ୍ର ଗଠନ, ବ୍ୟକ୍ତିତ୍ୱ ବିକାଶ, ନାଗରିକ ଭାବନା, ଦକ୍ଷତାର ପ୍ରୋତ୍ସାହନ,ସଂସ୍କୃତିର ସଂରକ୍ଷଣ ଓ ପ୍ରସାର ଇତ୍ୟାଦି ଶିକ୍ଷାର ନିଶ୍ଚିତ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଥିଲା । ଏହି ସବୁ ଉଦ୍ଦେଶ୍ୟ ହାସଲ ପାଇଁ ବିଭିନ୍ନ ଧର୍ମୀୟ ରୀତିନୀତି ଏବଂ ବ୍ରତ, ପ୍ରାର୍ଥନା, ଉତ୍ସବ ପାଳନ, ନୈତିକ ବ୍ୟବହାର ପ୍ରୟୋଗ, ମନ, ଚିନ୍ତା ଓ ଅଭ୍ୟାସରେ ପବିତ୍ରତା, ସହଜାତ ବୃତ୍ତି ଉପରେ ନିୟନ୍ତ୍ରଣ, ବୟୋଜ୍ୟୋଷ୍ଠ, ସମବୟସ୍କ, କନିଷ୍ଠଙ୍କ ପ୍ରତି ଆଚାର ବ୍ୟବହାର ଶିକ୍ଷା, ପଠନ ଓ ପାଠନ ଅଭ୍ୟାସ ଆଦି କରାଯାଉଥିଲା ।ବିଦ୍ୟାର୍ଥୀମାନେ ଅଧ୍ୟାପନା ପାଇଁ ବିଷୟବସ୍ତୁ ନିଜ ପସନ୍ଦ ଅନୁସାରେ ବାଛିବାର ଅଧିକାର ଥିଲା । ସରଳତା ଓ ଆତ୍ମସଜ୍ଞାତା ବିଦ୍ୟାର୍ଥୀ ଜୀବନର ଅଂଶବିଶେଷ ଥିଲା । ଆତ୍ମବିଶ୍ୱାସ ବୃଦ୍ଧି ଏବଂ ଆତ୍ମ ସଂଯମତା ପାଇଁ ଶିକ୍ଷା ପ୍ରାଚୀନ ଭାରତୀୟ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ଥିଲା । ତର୍କ, ଦର୍ଶନ, ଆଇନ, ସାହିତ୍ୟ ଇତ୍ୟାଦି ପଠନ କରୁଥିବା ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ନିଷ୍ପତ୍ତି, ବିଚାର ଏବଂ ଅନ୍ୟ ବ୍ୟକ୍ତିଗତ ମୂଲ୍ୟବୋଧ ସଂକ୍ରାନ୍ତରେ ଭଲଭାବେ ବିକାଶ ହେଉଥିଲା ।କୌଣସି ପ୍ରସଙ୍ଗର ଉଭୟ ଦିଗକୁ ବୁଝିବାକୁ ବିଦ୍ୟାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଉଥିଲା ଏବଂ ତର୍କ ଆଲୋଚନାରେ ସପକ୍ଷ ବା ବିରୋଧରେ ମତ ରଖିବାକୁ ଶିକ୍ଷଣ ପ୍ରଦାନ କରାଯାଉଥିଲା । ଏହା ଅନ୍ୟର ମତାମତ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସମ୍ମାନ ଓ ଯୁକ୍ତିସଂଗତ ମତ ଉପସ୍ଥାପନ ନିମନ୍ତେ ଜଣେ ବିଦ୍ୟାର୍ଥୀଙ୍କୁ ଉପଯୁକ୍ତ କରୁଥିଲା ।

ଯେଉଁ ବିଦ୍ୟାର୍ଥୀମାନେ ବେଦ ଅଧ୍ୟୟନ କରୁଥିଲେ, ସେମାନଙ୍କ ପାଇଁ ଶିକ୍ଷା ସ୍ମୃତିଶକ୍ତିର ଏକ ଯାନ୍ତ୍ରିକ ପ୍ରଶିକ୍ଷଣ ସାବ୍ୟସ୍ତ ହୋଇଥିଲା । ସେମାନେ ପିଢ଼ିପିଢ଼ି ଧରି ସାହିତ୍ୟିକ, ସାଂସ୍କୃତିକ ଓ ବୃତ୍ତିଗତ ଐତିହ୍ୟକୁ ମୌଳିକତା ଓ ପବିତ୍ରତାର ସହ ସଂରକ୍ଷଣ ଓ ବିତରଣ କରିବେ ବୋଲି ଆଶା କରାଯାଉଥିଲା । ସଂକ୍ଷିପ୍ତରେ କହିବାକୁ ଗଲେ, ସେହିସବୁ ଦିନରେ ଶିକ୍ଷାକୁ ଆତ୍ମ ସମୃଦ୍ଧିର

ଟିପ୍ପଣୀ

ଜୀବନବ୍ୟାପୀ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଭାବେ ବୁଝାଯାଉଥିଲା ଏବଂ ଜଣେ ଛାତ୍ରର ଶାରୀରିକ, ମାନସିକ, ବୌଦ୍ଧିକ ଓ ଐଶ୍ୱରିକ ଦକ୍ଷତାର ସମାନୁପାତିକ ବିକାଶର ଉତ୍ସଭାବେ ବିବେଚନା କରାଯାଉଥିଲା । ଯାହାଦ୍ୱାରା ସେ ଜଣେ ଉପଯୋଗୀ ନାଗରିକଭାବେ ବଞ୍ଚିପାରିବେ ଓ ବର୍ତ୍ତମାନ ତଥା ଭବିଷ୍ୟତ ଜୀବନରେ ପ୍ରଗତି ହାସଲ କରିପାରିବେ ।

**ନିଜର ପ୍ରଗତିକୁ ପରଖି ଦେଖ - ୧**

(କ) ପ୍ରାଚୀନ ଭାରତରେ ଶିକ୍ଷାର ମୌଳିକ ଲକ୍ଷ୍ୟ କ'ଣ ଥିଲା ?

..................................................................................

..................................................................................

..................................................................................

(ଖ) ମୁଦ୍ରଣ କଳା ନଥିବା ବେଳେ ଜ୍ଞାନକୁ କିପରି ଭାବରେ ସଂରକ୍ଷଣ କରାଯାଉଥିଲା ?

..................................................................................

..................................................................................

..................................................................................

## ୧.୨.୧ ପ୍ରାଚୀନ କାଳରେ 'ଗୁରୁ' ପ୍ରଥା

ପ୍ରାଚୀନ ଭାରତରେ ଗୁରୁକୂଳ ବ୍ୟବସ୍ଥା ପ୍ରଚଳିତ ଥିଲା । ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବିଦ୍ୟାର୍ଥୀଙ୍କୁ ଗୁରୁଙ୍କ ସହିତ ରହିବାକୁ ପଡୁଥିଲା । ଗୁରୁମାନଙ୍କ ଆଶ୍ରମ ଏକପ୍ରକାର ଆବାସିକ ବିଦ୍ୟାଳୟ ଥିଲା । ଧନୀ, ନିର୍ଦ୍ଧନ ପ୍ରତ୍ୟେକ ଏକାଠି ରହୁଥିଲେ । ଏପରିକି ରାଜକୁମାରମାନେ ମଧ୍ୟ ଗରିବଙ୍କ ସହ ଗୁରୁକୁଳରେ ରହୁଥିଲେ । କୃଷ୍ଣ ଓ ସୁଦାମା ଏହାର ଜ୍ୱଳନ୍ତ ଉଦାହରଣ । ଗୁରୁକୁଳରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ନିଃଶୁଳ୍କ ଥିଲା । ମାତ୍ର ଗୁରୁକୁଳ ଚଳାଇବା ପାଇଁ ବିଦ୍ୟାର୍ଥୀମାନେ ଭିକ୍ଷା (ମାଧୁକରୀ) ମାଗୁଥିଲେ; ଯାହା ସେମାନଙ୍କୁ ମାନବିକତା ଓ କୃତଜ୍ଞତା ଶିକ୍ଷା ଦେଉଥିଲା । ଆହୁରି ମଧ୍ୟ, ଏହି ବ୍ୟବସ୍ଥା ଜାତିଆଣ ବିଭେଦ ସର୍ବନିମ୍ନ କରିବା ସହ ସବୁ ବିଦ୍ୟାର୍ଥୀଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲା ।

ଗୁରୁ ଗୁରୁକୁଳର ମୁଖ୍ୟ, ପିତାତୁଲ୍ୟ ଏବଂ ଅନ୍ତେବାସୀଙ୍କ ପାଇଁ ପିତାମାତା ଓ ଅଭିଭାବକ ଥିଲେ । ସେ କୌଣସି ପାଉଣା ବିନା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଦାନ କରୁଥିଲେ । ଗୁରୁଙ୍କ ପାଇଁ ପାଉଣା ଦାବି କରିବା ନିଷେଧ ଥିଲା । ସେ ବିଦ୍ୟାଦାନକୁ ଶ୍ରେଷ୍ଠ ଦାନଭାବେ ଗ୍ରହଣ କରୁଥିଲେ ଏବଂ ବିଦ୍ୟା ବିକ୍ରି ବ୍ୟବସ୍ଥାକୁ ନିନ୍ଦା କରୁଥିଲେ । ଗୁରୁକୁଳ ଗୁଡ଼ିକ ରାଜା, ମହାରାଜା, ଧନାଢ଼୍ୟ ବ୍ୟକ୍ତି, ମାନବବାଦୀ ବ୍ୟକ୍ତିଙ୍କ ଦାନ ଏବଂ ବିଦ୍ୟା ଶେଷ ସମୟରେ ବିଦ୍ୟାର୍ଥୀ ଉପହାର ସ୍ୱରୂପ ଦେଉଥିବା ଗୁରୁଦକ୍ଷିଣା ଅର୍ଥରେ ପରିଚାଳିତ ହେଉଥିଲା । ଆଶ୍ରମ ଏବଂ ଅନ୍ତେବାସୀଙ୍କ ପାଇଁ ଏହି ରାଶି ପର୍ଯ୍ୟାପ୍ତ ଥିଲା;



ଟିପ୍ପଣୀ

କାରଣ ଅନ୍ତେବାସୀମାନେ ମିତବ୍ୟୟୀ ଥିଲେ ଏବଂ ସମ୍ପତ୍ତିଠୁଲକୁ ଅନୁମତି ମିଳୁନଥିଲା । କେବଳ ଜଣେ ପ୍ରକୃତ ବିଦ୍ୱାନ, ଉତ୍କୃଷ୍ଟ ବିଶେଷଜ୍ଞ ଏବଂ ଆଧ୍ୟାତ୍ମିକ ରୂପରେ ପ୍ରବୃଦ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଗୁରୁଭାବେ ନିଯୁକ୍ତ କରାଯାଉଥିଲା ଓ ତାଙ୍କର ସମ୍ମାନ ପ୍ରଦର୍ଶନ କରାଯାଉଥିଲା । ତୁମେ ଜାଣିଛ, ଭାରତର ଏକ ପୁରାତନ ଗୁରୁଶିଷ୍ୟ ପରମ୍ପରା ରହିଛି । ନିସ୍ୱାର୍ଥପର ସେବା ପାଇଁ ସମାଜରେ ଗୁରୁଙ୍କ ପ୍ରତି ଅଧିକ ସମ୍ମାନ ଥିଲା ଏବଂ ଏପରିକି ରାଜାମାନେ ମଧ୍ୟ ତାଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ତାଙ୍କୁ ପିତାମାତାଙ୍କ ଠାରୁ ଅଧିକ ମାନ୍ୟତା ପ୍ରଦାନ କରାଯାଉଥିଲା, ଏପରିକି ଭଗବାନଙ୍କଠାରୁ ତାଙ୍କ ସ୍ଥାନ ଉଚ୍ଚରେ ଥିଲା :

**"ଗୁରୁଃ ବ୍ରହ୍ମା ଗୁରୁଃ ବିଷ୍ଣୁଃ ଗୁରୁଃ ଦେବଃ ମହେଶ୍ୱରଃ !**
**ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ! !"**

ଗୁରୁଙ୍କୁ ବିଶାଳ ହୃଦୟ, ମସ୍ତିଷ୍କ, ହସ୍ତ, ଆଧ୍ୟାତ୍ମିକତା, ଜ୍ଞାନ ତଥା ବିଜ୍ଞତାର ଉତ୍ତମ ଗୁଣର ଏକ ପ୍ରତୀକ ଭାବେ ମାନୁଥିଲେ । ଜଣେ ଉତ୍ତମ ଶିକ୍ଷକ ନିଜ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଜଣେ ଛାତ୍ରଭାବେ ରହୁଥିଲେ । ସେ ସମୟରେ ଜଣେ ଶିକ୍ଷକ ଆଜୀବନ ଛାତ୍ର *(Life Long Learner-L3 Teacher)* ଥିଲେ । ତାଙ୍କୁ ସେ ସମୟରେ *"Guide by the side, no "Sage on the Stage"* ବୁଝାଯାଉଥିଲା (ଅର୍ଥାତ "ସେ ଏକ ବନ୍ଧୁଭଳି ମାର୍ଗ ଦର୍ଶକ ସାଜୁଥିଲେ ମାତ୍ର ମଂଚାସିନ ମହାତ୍ମା ଭଳି ଚରିତ୍ର ନଥିଲେ"*)* ।

ଗୁରୁମାନଙ୍କର ପ୍ରତିଷ୍ଠା ସେ ସମୟରେ ଏମିତଥିଲା ଯେ ସେମାନଙ୍କୁ ଏକ ଶୈକ୍ଷିକ ସଂସ୍ଥା ଭାବେ ବୁଝାଯାଇଥିଲା ଏବଂ ସେମାନେ ବିଖ୍ୟାତ ଥିଲେ । ସମଗ୍ର ବିଶ୍ୱର କୋଣ ଅନୁକୋଣରୁ ଛାତ୍ରଛାତ୍ରୀମାନେ ଏଭଳି ଭାରତୀୟ ଗୁରୁଙ୍କ ପ୍ରତି ଅଧିକ ଆକର୍ଷିତ ହେଉଥିଲେ ଏବଂ ଭାରତକୁ ବିଦ୍ୟାଗ୍ରହଣ ପାଇଁ ଆସୁଥିଲେ । ଯେତେବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଏ, ସେତେବେଳେ ଗୁରୁମାନେ ବରିଷ୍ଠ ବା ମେଧାବୀ ବିଦ୍ୟାର୍ଥୀଙ୍କୁ ପଠନ ପାଠନ ପ୍ରକ୍ରିୟା ପରିଚାଳନାରେ ନିୟୋଜିତ କରୁଥିଲେ । ଏହା ଗୁରୁଙ୍କୁ ବିଦ୍ୟାଦାନରେ ଆବଶ୍ୟକ ସହାୟତା ମିଳୁଥିଲା ଏବଂ ଆଶାୟୀ ଶିକ୍ଷକଙ୍କୁ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ତାଲିମ ପାଇବାର ସୁଯୋଗ ମିଳୁଥିଲା ।

ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପ୍ରଚଳିତ ଏହି ମିନିଟର ବ୍ୟବସ୍ଥା ଗୁରୁଙ୍କ ପୁତ୍ର ବା ଗୁରୁକୁଳର ବରିଷ୍ଠ ତଥା ସକ୍ଷମ ବିଦ୍ୟାର୍ଥୀଙ୍କୁ ଶିକ୍ଷକ ହେବାର ସୁଯୋଗ ପ୍ରଦାନ କରୁଥିଲା । ପରବର୍ତ୍ତୀ ସମୟରେ ମନୁଙ୍କ ସମସାମୟିକ ସମାଜରେ ବର୍ଣ୍ଣବ୍ୟବସ୍ଥା ଯୋଗୁ ବ୍ରାହ୍ମଣ କୁଳରେ ଜନ୍ମିତ ଯେ କେହି ସେ ଯୋଗ୍ୟ ଥାନ୍ତୁ ବା ନଥାନ୍ତୁ, ସେମାନଙ୍କୁ ଗୁରୁର ମାନ୍ୟତା ମିଳୁଥିଲା । ପିତା ପୁତ୍ରଙ୍କୁ ଜଣେ ଶିକ୍ଷକ ହେବାକୁ ଶିକ୍ଷା ଓ ତାଲିମ ଦେଉଥିଲେ । ଏହିପରି ଶିକ୍ଷାଦାନ ବ୍ରାହ୍ମଣ ପରିବାରରେ ପାରିବାରିକ ବୃତ୍ତିରେ ପରିଣତ ହୋଇଥିଲା ।

## ୧.୨.୨ ଗୁରୁଙ୍କ ଭୂମିକା ଓ ଦାୟିତ୍ୱ

ପ୍ରାଚୀନ ଭାରତର ଛାତଛାତ୍ରୀମାନଙ୍କ ପାଇଁ ଗୁରୁ ବିଭିନ୍ନ ଭୂମିକା ଯଥା-ପିତାମାତା, ଶିକ୍ଷକ,

ଟିପ୍ପଣୀ

ବିଦ୍ୱାନ, ଜଣେ ବନ୍ଧୁ, ଦାର୍ଶନିକ ଓ ଗାଇଡ୍ ସଦୃଶ ଥିଲେ । ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେ ବ୍ୟକ୍ତିଗତଭାବେ ଧ୍ୟାନ ଦେଉଥିଲେ । ଛାତ୍ରଛାତ୍ରୀଙ୍କ ବିକାଶ,ଗୁରୁଙ୍କ ଅନୁସାରେ ଏବଂ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ଅନୁସାରେ ସନ୍ତୋଷଜନକ କି ନୁହେଁ ଦେଖିବା ଗୁରୁଙ୍କ କାର୍ଯ୍ୟ ଥିଲା । ସେତେବେଳେ ଗୁରୁ-ଶିଷ୍ୟଙ୍କ ମଧ୍ୟରେ ପିତା-ପୁତ୍ରର ଭଳି ସମ୍ପର୍କ ଆନ୍ତରିକ ଥିଲା ।

ଶିକ୍ଷାଦାନ ପଦ୍ଧତି ଗୁରୁ-ଛାତ୍ରଙ୍କ ମଧ୍ୟରେ ମୌଖିକ ଆଲୋଚନା ଦ୍ୱାରା ହେଉଥିଲା । ଏହା ସହିତ ବାଖ୍ୟା, ଆଲୋଚନା-ତର୍କ. ସଂକ୍ଷିପ୍ତପାଠ ବିଦ୍ୟାର୍ଥୀଙ୍କ ଦୈନନ୍ଦିନ ଜୀବନରେ ଧରାବନ୍ଧା କାର୍ଯ୍ୟ ଥିଲା । ମୂଲ୍ୟାୟନ ନିରନ୍ତର ବ୍ୟାପକ ରୁପରେ ହେଉଥିଲା, ଯାହାକୁ ଗୁରୁ ନିଜେ କରୁଥିଲେ, ମୂଲ୍ୟାୟନ ପଦ୍ଧତି ଜରିଆରେ ହେଉଥିଲା । ସେତେବେଳେ ଔପଚାରିକ ରୁପେ କୌଣସି ପାଠାନ୍ତ ଶେଷ ପରୀକ୍ଷା ନଥିଲା, କୌଣସି ଡିଗ୍ରୀ ପ୍ରମାଣପତ୍ର ମଧ୍ୟ ଦିଆଯାଉ ନଥିଲା । କେବଳ ଦୀକ୍ଷାଂତ ସମାରୋହରେ ସମୟରେ ଗୁରୁ ଘୋଷଣା କରୁଥିଲେ ଯେ ବିଦ୍ୟାର୍ଥୀ ନିର୍ଦ୍ଦିଷ୍ଟ ବିଷୟରେ ଅଧ୍ୟୟନ ସମ୍ପାଦନ କରି ସ୍ନାତକ ଉପାଧି ପ୍ରାପ୍ତ କରିସାରଛି । ଯୋଗ୍ୟତା ପ୍ରାପ୍ତ ବିଦ୍ୟାର୍ଥୀଙ୍କ ଜ୍ଞାନ ପରୀକ୍ଷା ପାଇଁ ଗୁରୁ ସମ୍ପୃକ୍ତ ବିଦ୍ୟାର୍ଥୀଙ୍କୁ ବିଦ୍ୱାନଙ୍କ ସମ୍ମିଳନୀରେ ଉପସ୍ଥିତ କରାନ୍ତି,ଯେଉଁଠି ବିଦ୍ୱାନମାନେ ବିଦ୍ୟାର୍ଥୀଙ୍କୁ ପ୍ରଶ୍ନ କରନ୍ତି । ଅଥବା ସମ୍ପୃକ୍ତ ବିଦ୍ୟାର୍ଥୀଙ୍କୁ ତର୍କବିତର୍କରେ ଭାଗନେଇ ନିଜ ଯୋଗ୍ୟତାର ପ୍ରମାଣ ଦେବା ପାଇଁ କୁହାଯାଉଥିଲା, ଯେଉଁଠି ସମ୍ପୃକ୍ତ ବିଦ୍ୟାର୍ଥୀ ସେହି ବିଷୟରେ ପାଣ୍ଡିତ୍ୟ ଲାଭ କରିଛନ୍ତି ବୋଲି ଜଣାପଡୁଥିଲା, ଏବଂ ତାକୁ ବିଦ୍ୟାନ ବ୍ୟକ୍ତି ରୁପେ ସ୍ୱୀକାର କରାଯାଉଥିଲା । ବିଦ୍ୟାର୍ଥୀଙ୍କ ସ୍ୱାଧୀନତାକୁ ସମ୍ମାନ ପ୍ରଦର୍ଶନ କରାଯାଉଥିଲା । ବିଦ୍ୟାର୍ଥୀମାନେ ସ୍ୱାଧୀନଭାବେ ପସନ୍ଦର ଗୁରୁ ଓ ବିଷୟ ଚୟନ କରିଥାନ୍ତି । ସେହି ସମୟରେ, ସମ୍ପୃକ୍ତ ବିଦ୍ୟାର୍ଥୀ(ଶିଷ୍ୟ)ଙ୍କୁ ଗ୍ରହଣ କରିବା ବା ନକରିବା ନିଷ୍ପତ୍ତି ଗୁରୁଙ୍କ ସମ୍ପୂର୍ଣ୍ଣ ଇଚ୍ଛାଧୀନ ହେଉଥିଲା ।

ତୁମେ ଜାଣିବାକୁ ପାଇବ ଯେ ବୌଦ୍ଧ ଯୁଗରେ ମଠ ଓ ମନ୍ଦିରଗୁଡ଼ିକୁ ଉଚ୍ଚଶିକ୍ଷାର କେନ୍ଦ୍ର ଭାବେ ସ୍ଥାପନ କରାଯାଇଥିଲା । ସମ୍ରାଟ ଅଶୋକଙ୍କ ସମୟରେ ସେହିସବୁ ପ୍ରତିଷ୍ଠାନଗୁଡ଼ିକ ହିନ୍ଦୁ ଗୁରୁକୁଳର ବିକଳ୍ପଭାବେ ବିକଶିତ ହୋଇଥିଲା । ସେହିସବୁ ଗୁଡ଼ିକ ଆବାସିକ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତିତ ହୋଇଥିଲା; ଯେଉଁଠାରେ ଜ୍ଞାନ ଆହରଣ ପାଇଁ ଗୁରୁ ଓ ଶିଷ୍ୟମାନେ ଏକାଠି ବାସ କରୁଥିଲେ ଓ କାର୍ଯ୍ୟ ମଧ୍ୟ କରୁଥିଲେ । ବିଦ୍ୟା ପ୍ରସ୍ତୁତି, ସଂରକ୍ଷଣ ଓ ଏକତ୍ରିକରଣ ପାଇଁ ସେମାନେ ନିଜକୁ ନିୟୋଜିତ କରୁଥିଲେ । ଆଧୁନିକ ବିଶ୍ୱବିଦ୍ୟାଳୟର ତିନିଟି କାର୍ଯ୍ୟ-ଶିକ୍ଷାଦାନ, ଗବେଷଣା ଓ ସମ୍ପ୍ରସାରଣ ଥିଲା ।

ପ୍ରବେଶିକା ପରୀକ୍ଷା ଜରିଆରେ ବିଦ୍ୟାର୍ଥୀମାନେ ନାମ ଲେଖାଉଥିଲେ । ଏଥି ପାଇଁ ଉଚ୍ଚଶିକ୍ଷାର ଖ୍ୟାତନାମା କେନ୍ଦ୍ର ଯଥା-ତକ୍ଷଶିଳା, ନାଳନ୍ଦା, ବିକ୍ରମଶିଳା, ବଲ୍ଲଭି, ନଦିଆ, କାଞ୍ଚି, ବନାରସ (ବାରାଣସୀ) ପ୍ରଭୃତି ସ୍ଥାନରେ ପ୍ରବେଶିକା ପରୀକ୍ଷା କରାଯାଉଥିଲା । ଏହି ସବୁ କେନ୍ଦ୍ର ଦେଶ ବିଦେଶରୁ ବିଦ୍ୟାର୍ଥୀଙ୍କୁ ଆକର୍ଷିତ କରୁଥିଲେ ।

ଗୁରୁକୁଳଗୁଡ଼ିକରେ ଏକ ବିଶେଷତ୍ୱ ଥିଲା ଯେ ଏଠାରେ ଶିକ୍ଷାର ଆଧାର ଏକ ପ୍ରତିଷ୍ଠାନ ହିସାବରେ ନୁହେଁ, ବରଂ ଶିକ୍ଷା ବ୍ୟକ୍ତିଗତ ଆଧାରରେ ଦିଆଯାଉଥିଲା । ମଧ୍ୟକାଳୀନ ଭାରତରେ ପାଠଶାଳା ପରି

ଇସଲାମିକ ଶିକ୍ଷା ପାଇଁ ମସ୍‌ଜିଦ୍‌ଗୁଡ଼ିକରେ ମୁସଲମାନ୍ ଛାତ୍ରଙ୍କୁ ପବିତ୍ର କୋରାନ୍ ସମ୍ପର୍କରେ ଶିକ୍ଷାଦାନ କରାଯାଉଥିଲା । ଏଥି ପାଇଁ ନିମ୍ନ ସ୍ତରର ଶିକ୍ଷା ନିମନ୍ତେ ମକ୍‌ତାବ ଓ ଉଚ୍ଚଶିକ୍ଷା ନିମନ୍ତେ ମଦ୍ରାସା ସ୍ଥାପିତ ହୋଇଥିଲା । ମୁଲ୍ଲା ଓ ମୌଲବୀମାନେ ସେଠାରେ ଶିକ୍ଷାଦାନ କରୁଥିଲେ । ଏହି ବ୍ୟବସ୍ଥା ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଭାରତରେ ଆଧିପତ୍ୟ ବିସ୍ତାର କରିବା ପର୍ଯ୍ୟନ୍ତ ଚାଲିଥିଲା ।

## ୧.୨.୩ ସାମ୍ପ୍ରତିକ ପେଶାଦାର ଶିକ୍ଷକ

ଯଦିଓ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରବିଭିନ୍ନ ଦିଗ ଗ୍ରହଣଯୋଗ୍ୟ ହେବାଭଳି ରହିଥିଲେ ମଧ୍ୟ ସାମ୍ପ୍ରତିକ ସମୟରେ ନିଜକୁ ଜଣେ ପେଶାଦାର ଶିକ୍ଷକ କରିବାକୁ ହେଲେ ତୁମକୁ ବିଭିନ୍ନ କୌଶଳ ଶିକ୍ଷା ଓ ଜ୍ଞାନ ଆହରଣ କରିବାକୁ ପଡ଼ିବ ଏବଂ ସେସବୁକୁ ଅନ୍ୟମାନଙ୍କ ସହ ଆଲୋଚନା ପର୍ଯ୍ୟାଲୋଚନା ବେଳେ ପରିବେଷଣ କରିବାକୁ ପଡ଼ିବ । ଏବର ଶିକ୍ଷକଙ୍କ କିଛି ଗୁଣ ଲାଭ କରିବା ଏବଂ ବିକାଶ କରିବା ବହୁତ ଜରୁରୀ ଯାହା ନିମ୍ନରେ ପ୍ରଦାନ କରାଗଲା:

- ମୁକ୍ତ ଏବଂ ସକାରାତ୍ମକ: ସକାରାତ୍ମକଭାବେ ଚିନ୍ତା କରିବା ଏବଂ ସକାରାତ୍ମକ ଚିନ୍ତନ ପାଇଁ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ।
- ଭାବବିନିମୟତା: ପ୍ରଭାବୀ ଯୋଗାଯୋଗ ନିମନ୍ତେ ନିଜର ମତାମତ ଓ ଆଭିମୁଖ୍ୟକୁ ଅନ୍ୟମାନଙ୍କ ସହ ବିନିମୟ କରିବା ।
- ଜଣେ ଭଲ ଶ୍ରୋତା-ଛାତ୍ରଛାତ୍ରୀଙ୍କୁ ସହାନୁଭୂତିପୂର୍ବକ ଶ୍ରବଣ ।
- ନିର୍ଭରଶୀଳତା: ଅନ୍ୟମାନଙ୍କ ସହ ସଚ୍ଚୋଟତା, ଖୋଲା ହୃଦୟ ଏବଂ ବୈଧତାର ସହ କାର୍ଯ୍ୟ କରିବା ।
- ଉତମ ବ୍ୟକ୍ତିତ୍ୱ: ଅନ୍ୟମାନଙ୍କ ସହ ଭାବବିନିମୟ ଏବଂ ସାମିଲ ବେଳେ ଆସ୍ଥାଭାଜନ ହେବାକୁ ସକାରାତ୍ମକ ଚିନ୍ତାପୋଷଣ ।
- ସଂଗଠିତ: ବ୍ୟବସ୍ଥିତ, ଯୋଜନାବଦ୍ଧଭାବେ କାର୍ଯ୍ୟ କରିବା ।
- ଆତ୍ମବିଶ୍ୱାସୀ: ସକାରାତ୍ମକ ଆତ୍ମ-ଧାରଣା ବୃଦ୍ଧି ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ।
- ପ୍ରରୋଚିତ କରିବା: ଧାର୍ଯ୍ୟ ମାନ ଓ ଆଶା ପ୍ରତି ଆଶାବାଦୀ ହେବା ।
- ରଚନାତ୍ମକ: ଚିନ୍ତା ଓ କାର୍ଯ୍ୟଧାରାରେ ରଚନାତ୍ମକ ହେବା ।
- ଉଦାରବାଦୀ: ଛାତ୍ରଛାତ୍ରୀ ଏବଂ ଅନ୍ୟମାନଙ୍କ ପ୍ରତି ଉଦାରତା ପୋଷଣ କରିବା । ସେମାନଙ୍କ ଚିନ୍ତାକୁ ସମ୍ମାନ ପ୍ରଦର୍ଶନ କରିବା । ବ୍ୟକ୍ତିଗତ ଚିନ୍ତା ଓ ଭାବନା ପ୍ରକାଶ କରିବା ଏବଂ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇବା ।
- ବ୍ୟକ୍ତିଗତ ଭାବନା: ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ସ୍ୱତନ୍ତ୍ର ଏବଂ ଅମୂଲ୍ୟ ବ୍ୟକ୍ତିଭାବେ ଗଣନା କରିବା ।

- ମୂଲ୍ୟବୋଧ ଆଧାରିତ: ମଣିଷର ମୂଲ୍ୟ ଏବଂ ସମ୍ମାନକୁ ଧ୍ୟାନ ଦେବା । ।
- ଗୋଷ୍ଠୀ ମୂଲ୍ୟ ପ୍ରତି ସମ୍ବେଦନଶୀଳ ହେବା ।
- ବିଜ୍ଞ: ଜ୍ଞାନ ଆହରଣ ପାଇଁ ନିରନ୍ତର ପ୍ରଚେଷ୍ଟା କରିବା ।
- ସୃଜନଶୀଳ:ନବୀନ, ବହୁମୁଖୀ ଏବଂ ନୂଆନୂଆ ଚିନ୍ତାଧାରା ପ୍ରତି ଉନ୍ମୁକ୍ତତା ।
- ସହନଶୀଳତା: ନିର୍ଦ୍ଦିଷ୍ଟ ଓ ନିର୍ଭୁଲକୁ ଗୁରୁତ୍ୱ ।
- ପ୍ରତିବଦ୍ଧତା: ଛାତ୍ରଛାତ୍ରୀ ଏବଂ ବୃତ୍ତି ପ୍ରତି ପ୍ରତିବଦ୍ଧତା ପୋଷଣ ।

ଜଣେ ପେଶାଦାର ଶିକ୍ଷକ ଗର୍ବୀ ବା ଅହଂକାରୀ ନ ହୋଇ ଆତ୍ମବିଶ୍ୱାସୀ ହେବା ଉଚିତ ।ବିଭିନ୍ନ ଗୋଷ୍ଠୀଙ୍କ ସହ ଭାବବିନିମୟରେ ଆଚରଣରେ ପେଶାଦାର ମାନକ ଯଥା- ନମ୍ରତା, ଦୃଢତା ଏବଂ ନ୍ୟାୟସଙ୍ଗତ ହେବା ଜରୁରୀ । ପେଶାଦାରୀ ପାଇଁ ଉପଯୁକ୍ତ ପ୍ରସ୍ତୁତି ଅନ୍ୟ ଏକ ମୂଖ୍ୟ ଆବଶ୍ୟକତା ଅଟେ । ଶ୍ରେଣୀରେ ପ୍ରବେଶ କରିବା ସମୟରେ ସମସ୍ତ ପଠନସାମଗ୍ରୀ ଓ ପାଠ୍ୟ ଯୋଜନା ପ୍ରସ୍ତୁତ ରହିଥିବା ଆବଶ୍ୟକ ।

## ୧.୨.୪ ସାମ୍ପ୍ରତିକ ସମାଜର ପରିବର୍ତ୍ତନୀୟ ସ୍ୱରୂପ ଏବଂ ଶିକ୍ଷକଙ୍କ ତଦନୁରୂପ ଭୂମିକା ଓ ଦାୟିତ୍ୱ

- **ସାମ୍ପ୍ରତିକ ସମାଜର ପରିବର୍ତ୍ତନୀୟ ସ୍ୱରୂପ:** ତୁମେ ଅନୁଭବ କରୁଥିବ ଯେ ସୂଚନା ଓ ଯୋଗାଯୋଗ ଜ୍ଞାନକୌଶଳ (ଆଇସିଟି) ଯୋଗୁ ବିଶ୍ୱ ସମାଜରେ ବଡ଼ଧରଣର ପରିବର୍ତ୍ତନ ଘଟୁଛି । ଆଇ.ସି.ଟି *(ICT)* ଆମ ଜୀବନର ପ୍ରତ୍ୟେକ ଘଟଣାକୁ ପ୍ରଭାବିତ କରୁଛି । ବିଗତ କିଛି ଦଶନ୍ଧି ମଧ୍ୟରେ ନୂତନ ସାମାଜିକ ପରିବର୍ତ୍ତନ ପ୍ରକଟିତ ହୋଇଛି । ଏହି ସବୁ ପରିବର୍ତ୍ତନର କୌଣସି ପ୍ରଧାନତା ନାହିଁ । ଅଧୁନାତନ ସମାଜରେ ବୈଷୟିକ ଜ୍ଞାନକୌଶଳର ବିକାଶ ଓ ପ୍ରଗତି ଏତେ କ୍ଷୀପ୍ର ଯେ ଆଗାମୀ ଶହେ ବର୍ଷ ପରର ଜୀବନ କଳ୍ପନା କରିବା ଅସମ୍ଭବ । ମାତ୍ର ଆଗାମୀ ୧୦/୨୦ ବର୍ଷର ଜୀବନକୁ ଜଣେ କଳ୍ପନା କରିପାରିବ । ଆଗାମୀ ଦିନରେ କେଉଁ ପ୍ରକାର ସମାଜ ଆମେ କଳ୍ପନା କରୁଛନ୍ତି ? ଏହି ସାମାଜିକ ପରିବର୍ତ୍ତନଯୋଗୁଁ ଶିକ୍ଷାର ଉଦ୍ଦେଶ୍ୟ ଓ ଢାଞ୍ଚାରେ କି' ପ୍ରକାର ପରିବର୍ତ୍ତନ ଘଟିବ ? ଅଧ୍ୟାପନା ବିଧି କେଉଁ ଧରଣର ହେବ ? ଆଜିର ଶିକ୍ଷା ଆଗାମୀ ଦିନରେ ପ୍ରାସଙ୍ଗିକ ହେବ କି ? କିମ୍ବା ଆମେ ଅନୁପଯୁକ୍ତ ବା ଅପ୍ରାସଙ୍ଗିକତାକୁ ଆପଣଉଛନ୍ତି କି ? ଏହି ପରିବର୍ତ୍ତିତ ସମାଜରେ ନୂଆ ସାମାଜିକ ସଂରଚନା ଏବଂ ଅପ୍ରତ୍ୟାଶିତ ଅଭୂତପୂର୍ବ ଆବଶ୍ୟକତା ସହ ଖାପ ଖୁଆଇବା ପାଇଁ ଶିକ୍ଷାର ଏକ ତ୍ୱରିତ କ୍ରୀୟା ଯୋଜନା (ପିଓଏ) ଆବଶ୍ୟକ କରିବ ।
- **ସଂଯୋଜିତ ଓ ଜ୍ଞାନ ଆଧାରିତ ସମାଜ:** ଆଇ.ସି.ଟି *(ICT)*ର ପ୍ରଭାବ ସରଳଭାଷାରେ କହିବାକୁ ଗଲେ ଅଦ୍ଭୁତ । ବିଶେଷ କରି ଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି । ଆଇସିଟିର ସମସ୍ତ କାରକ ଓ ଜ୍ଞାନକୌଶଳର ଏକ ବ୍ୟାପକ ପ୍ରୟୋଗ

ଟିପ୍ପଣୀ

ସମେତ ଜୀବନର ପ୍ରତିଟି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ମୋବାଇଲ ଫୋନ୍, କମ୍ପ୍ୟୁଟର, ଟେଲିଭିଜନ୍ ଆଦିର ବ୍ୟବହାର ଅଦ୍‌ଭୁତ ଓ ଅବିଶ୍ୱସନୀୟ । ଅନ୍ୟପଟେ, ଏହାର ପ୍ରୟୋଗ ଦିନକୁ ଦିନ ବୃଦ୍ଧି ପାଉଛି ଓ ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ସଂରୁଛି । ଖାଲି ସେତିକି ନୁହେଁ, ଏହା ମଧ୍ୟ ବେଳକୁ ବେଳ ଶସ୍ତା ହେଉଛି । ଫଳରେ ସାଧାରଣ ଲୋକଟିଏ ଏହାକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରିବାକୁ ସକ୍ଷମ ହେଉଛି । ବିଶାଳ ଜନସଂଖ୍ୟା ଥିବା ଭାରତରେ ଏବେ କୋଟି କୋଟି ଲୋକ ମୋବାଇଲ ଫୋନ୍, କମ୍ପ୍ୟୁଟର, ଟେଲିଫୋନ୍, ଇଣ୍ଟରନେଟ୍ (*Internet*)ଏବଂ କମ୍ପ୍ୟୁଟରରେ ବିଭିନ୍ନ ସାମାଜିକ ନେଟ୍‌ୱର୍କିଂ ସାଇଟ୍‌ରେ ଯୋଡ଼ି ହେଉଛନ୍ତି । ଏହି ସଂଖ୍ୟା ମଧ୍ୟ ଦିନକୁ ଦିନ ବେଶ ବୃଦ୍ଧି ପାଉଛି ।

୨୦୧୧ ଅକ୍ଟୋବର ୭ରେ ଉପଲବ୍ଧ ଟ୍ରାଇ ୱେବ୍ ସାଇଟ୍ ସୂଚନା ଅନୁସାରେ ୨୦୧୦ ଡିସେମ୍ବର ସୁଦ୍ଧା ଭାରତରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୧୦ କୋଟି । ତନ୍ମଧ୍ୟରୁ ୪ କୋଟି ମୋବାଇଲ୍‌ରେ ଇଣ୍ଟରନେଟ୍ (*Internet*) ବ୍ୟବହାର କରିଥାନ୍ତି । ଏହା ସହିତ, ୨୦୧୧ ଜୁନ୍ ମଧ୍ୟରେ ଭାରତରେ ୮୫ କୋଟି ୧୭ ଲକ୍ଷ ଲୋକଙ୍କ ନିକଟରେ ମୋବାଇଲ୍ ଫୋନ୍ ରହିଥିଲାବେଳେ ୮୮ କୋଟି ୫୯ ଲକ୍ଷ ଟେଲିଫୋନ୍ ସଂଯୋଗ ରହିଛି । ପ୍ରତି ମାସରେ ନୂଆ ମୋବାଇଲ୍ ଟେଲିଫୋନ୍ ଉପଭୋକ୍ତାଙ୍କ ସଂଖ୍ୟାରେ ଏକ କୋଟି ଚଉଦ ଲକ୍ଷ ବୃଦ୍ଧି ପାଉଛି ।

ବିଶ୍ୱ ଅର୍ଥନୀତିରେ ପ୍ରତ୍ୟେକ ଜିନିଷ ମହଙ୍ଗା ହେଉଥିଲାବେଳେ ଏକମାତ୍ର ସାମଗ୍ରୀଭାବେ ଆଇ.ସି.ଟି ଦିନକୁ ଦିନ ଶସ୍ତା ହେଉଛି । ଏହାର ବ୍ୟବହାର, ଗୁଣବତ୍ତା, ଉପଲବ୍ଧତା ଏବଂ ଉପଯୋଗିତା ପ୍ରତି ସେକେଣ୍ଡରେ ବୃଦ୍ଧି ପାଉଛି । ତଥାପି, ଶିକ୍ଷଣ ପ୍ରକ୍ରିୟାରେ ଇଣ୍ଟରନେଟ୍ ସହ କମ୍ପ୍ୟୁଟର୍‌ର ବ୍ୟବହାର ଓ ଏହାର ଅବଦାନ ଅତିବ ମନ୍ଥର ରହିଛି । ସମଗ୍ର ବିଶ୍ୱ କମ୍ପ୍ୟୁଟର ଓ ଇଣ୍ଟରନେଟ୍‌ରେ ସଂଯୋଜିତ ହେଉଥିଲାବେଳେ ଏବେବି ଆମେ ଅଣସଂଯୋଜିତଭାବେ, ପୃଥକ ହୋଇ, ଶ୍ରେଣୀ କକ୍ଷରେ ସୀମିତ ରହି ଜୀବନ ସହ ସମନ୍ୱିତ ନ ହୋଇ ଶିକ୍ଷାଲାଭ କରୁଛେ ।

- **ଶୈକ୍ଷିକ ପ୍ରକ୍ରିୟାରେ ଆଇ.ସି.ଟି.(ICT)ର ପ୍ରୟୋଗ:** ବର୍ତ୍ତମାନର ଶୈକ୍ଷିକ ପ୍ରକ୍ରିୟା ଆଇସିଟି ପ୍ରୟୋଗ ଦ୍ୱାରା ପ୍ରଭାବିତ । ଆମେ ଦେଖୁଛୁ, ଆଇସିଟି ମଧ୍ୟ ପାଠ୍ୟଖସଡ଼ା ପ୍ରସ୍ତୁତି, ବିତରଣ, ଶିକ୍ଷଣ ପ୍ରକ୍ରିୟା, ମୂଲ୍ୟାୟନ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା ଯଥା- ଅନ୍ ଲାଇନ୍ ପରୀକ୍ଷା(ଅଧିକ ସଂଖ୍ୟାରେ), ଅନ୍ ଡିମାଣ୍ଡ ପରୀକ୍ଷା(ବ୍ୟକ୍ତିଗତ), ପାଠ୍ୟଖସଡ଼ା ବିନିମୟ ଏବଂ ନୂଆ ଶିକ୍ଷଣ ପ୍ରକ୍ରିୟା ଯଥା- ସହଭାଗିତାରେ କାର୍ଯ୍ୟ ସମ୍ପାଦନ, ପାଠନ ଓ ବିକାଶୋନ୍ମୁଖୀ, ସ୍ୱ-ଅଧ୍ୟୟନ, ଓପନ୍ ଏଜୁକେସନାଲ୍ ରିସୋର୍ସେସ୍*(OER)*, *L3* ଗ୍ରୁପ୍ ଅନ୍ ଲାଇନ୍ ଶିକ୍ଷଣ ଆଦିରେ ଉପଯୋଗୀ ହୋଇପାରିବ ।

ବର୍ତମାନର ଶିକ୍ଷକଙ୍କୁ ନୂତନ ଶିକ୍ଷଣ ପ୍ରକ୍ରିୟା ଓ ନୂତନତର ଶିକ୍ଷଣ ପରିବେଶ ସମ୍ପର୍କିତ ସମସ୍ୟାର ସମାଧାନ କରିବାକୁ ପଡ଼ିବ । ଶିକ୍ଷଣ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବାର ଉପାୟ ଏବଂ ପରିବର୍ତ୍ତନ

ଟିପ୍ପଣୀ

ଧାରାକୁ ତ୍ୱରାନ୍ୱିତ କରିବାର ବାଟ ସେମାନଙ୍କୁ ଖୋଜିବାକୁ ପଡ଼ିବ । ବର୍ତ୍ତମାନର ଛାତ୍ରଙ୍କୁ ଆଗାମୀ ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ଏହି ସଂଯୋଜିତ ସମାଜରେ ସକ୍ରିୟ ଜୀବନ ଅତିବାହିତ କରିବାକୁ ପଡ଼ିବ । ଏହି ବୈଶ୍ୱିକ ସମାଜରେ ଦକ୍ଷ ଏବଂ ସୁନାଗରିକ ହେବା ନିମନ୍ତେ ସେମାନଙ୍କୁ ନୂଆ କୌଶଳ, ଦକ୍ଷତା ଆପଣେଇବାକୁ ପଡ଼ିବ । ସାମାଜିକ ପରିବର୍ତ୍ତନର ଏକ କାରକଭାବେ ଶିକ୍ଷା ସମାଜରେ ଦୃଶ୍ୟମାନ ନୂଆ ନୂଆ ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ । ଏହି ଜ୍ଞାନ ଆଧାରିତ ସମାଜରେ ଶିକ୍ଷା କେବଳ ୩ ଆର୍ (ରିଡିଂ, ରାଇଟିଂ, ଏରିଥମେଟିକ୍)ର ସୂଚୀ ଆଧାରିତ, ଶିକ୍ଷକ କୈନ୍ଦ୍ରିକ ସାକ୍ଷରତା ନୁହେଁ, ପରଂତୁ ଏହା ଶିକ୍ଷାର୍ଥୀ କୈନ୍ଦ୍ରିକ, କାର୍ଯ୍ୟ ଆଧାରିତ କମ୍ପ୍ୟୁଟର ସାକ୍ଷରତା ଓ ନିପୂଣତା ଯାହା କେବଳ ଆମ ସଂସ୍କୃତିର ମୂଲ୍ୟବୋଧକୁ ନୁହେଁ, ସମଗ୍ର ବିଶ୍ୱର ମୂଲ୍ୟବୋଧକୁ ସୁଗମ କରାଏ ।

ପାଠ୍ୟକ୍ରମ ପ୍ରଦାନ ସମ୍ପ୍ରତି ପାରମ୍ପରିକ ଶିକ୍ଷକ-ଛାତ୍ର ମୁହାଁମୁହିଁ ଆଲୋଚନାରେ ସୀମିତ ନୁହେଁ, ବରଂ ଏହା ଆତ୍ମଅଧ୍ୟୟନ ଏବଂ ସାମାଜିକ ନେଟ୍ୱର୍କିଂ ସାଇଟ୍ ଯଥା- ଚାଟ୍, ଫେସ୍‌ବୁକ୍, ଟ୍ୱିଟର, ଦଳଗତ ଆଲୋଚନା ଇତ୍ୟାଦି (*www.addthis.com/bookmark*) ଜରିଆରେ ଆବଣ୍ଟିତ ଶ୍ରେଣୀ ଆଲୋଚନା ମାଧ୍ୟମରେ କରାଯାଉଛି ।

ଶିକ୍ଷାଦାନ ଓ ଶିକ୍ଷଣ ଏବେ କେବଳ ପାରମ୍ପରିକ ପଦ୍ଧତିରେ ନୁହେଁ, ବରଂ ନୂତନ ଏବଂ ଅଭିନବ ଶିକ୍ଷାଦାନ ପଦ୍ଧତି ଯଥା-ଆତ୍ମ ଅଧ୍ୟୟନ, ଦଳଗତ ସହଯୋଗ କାର୍ଯ୍ୟକ୍ରମ, ମାର୍ଗଦର୍ଶକଙ୍କ ତତ୍ତ୍ୱାବଧାନରେ ଶିକ୍ଷଣ ଏବଂ ବୈଷୟିକ ଜ୍ଞାନକୌଶଳ ଜରିଆରେ ପ୍ରଦାନ କରାଯାଉଛି ।

- **ବିଦ୍ୟାର୍ଥୀଙ୍କ ସ୍ୱାୟତ୍ତତା:** ବିଦ୍ୟାର୍ଥୀଙ୍କ ସ୍ୱାୟତତା ଦୃଷ୍ଟିରେ ରଖି ଶିକ୍ଷାଦାନ ପ୍ରକ୍ରିୟା ପରିବର୍ତ୍ତିତ ହେଉଛି । ବିଦ୍ୟାର୍ଥୀକୁ ଶିକ୍ଷାଦାନ ପ୍ରକ୍ରିୟାରେ ସର୍ବୋଚ୍ଚ ସ୍ଥାନ ଦିଆଯାଏ ଏବଂ ଶିକ୍ଷଣ ରଣନୀତି ଆପଣେଇବାରେ ତାଙ୍କୁ ସମସ୍ତ ବିକଳ୍ପ ପ୍ରଦାନ କରାଯାଇଥାଏ । ନୂତନ ଶିକ୍ଷଣ ପଦ୍ଧତି ଯଥା-ଆତ୍ମ ଅଧ୍ୟୟନ, ସହଭାଗିତା ଓ ସହଯୋଗିତା ଶିକ୍ଷଣ, ଇ-ଶିକ୍ଷଣ(*E-Learning*) ଏବଂ ମିଶ୍ରିତ ଅଧ୍ୟୟନ(*Blended Learning*), ଦଳଗତ ଶିକ୍ଷଣ, ଏକାଧିକ ଶିକ୍ଷକ/ବିଦ୍ୟାର୍ଥୀଙ୍କୁ ନେଇ ଅଧ୍ୟୟନ ଓ ଅଧ୍ୟାପନ ଏବଂ ବିଚାର, ଅଭିଜ୍ଞତା, ଆଲୋଚନା ଏବଂ ଶିକ୍ଷଣର ଭାଗିଦାରୀ (ସେୟାରିଂ) ପାଇଁ ସାମାଜିକ ନେଟ୍ୱର୍କିଂ ସାଇଟ୍ ଯଥା-ବ୍ଲଗ୍/ ଫେସ୍‌ବୁକ୍/ଟ୍ୱିଟର/ୱେବପେଜ୍ ଇତ୍ୟାଦିର ବ୍ୟବହାର କରାଯାଉଛି । ଜ୍ଞାନ ଆହରଣ ଓ ଭାଗିଦାରୀକରଣରେ ମୁକ୍ତ ଶୈକ୍ଷିକ ସାଧନ (ଓଇଆର୍)ର ବିକାଶ ଓ ବ୍ୟବହାର, ପାଠ୍ୟକ୍ରମ ପ୍ରସ୍ତୁତି ଓ ବିତରଣ ପାଇଁ ନୂତନ କୌଶଳ ଓ ବୈଷୟିକ ଜ୍ଞାନ, ରଚନାତ୍ମକ ଶୈକ୍ଷଣୀୟ ତତ୍ତ୍ୱ (*Constructivist Pedagogy* ) ପରି ନୂତନ ଶିକ୍ଷା ପଦ୍ଧତି ଏବେ ପାରମ୍ପରିକ ଶିକ୍ଷାଦାନ ତୁଳନାରେ ଅଧିକ ପ୍ରଭାବୀ ଏବଂ ଗ୍ରହଣୀୟ ହେଉଛି ।
- **ପରିଦୃଷ୍ଟ ସମାଜରେ ଶିକ୍ଷକଙ୍କ ଭୂମିକା:** ବୈଷୟିକ ଜ୍ଞାନକୌଶଳର ଆହ୍ୱାନ ଶିକ୍ଷକଙ୍କ ପାଇଁ ନୂଆ ଭୂମିକା ସୃଷ୍ଟି କରିଛି । ଲରିଲାର୍ଡ଼ଙ୍କ କନ୍‌ଭରସେସନ୍ ମଡେଲ୍ ଅନୁସାରେ, ଶିକ୍ଷକଙ୍କ



ଟିପ୍ପଣୀ

ପାଇଁ ଚାରି ପ୍ରକାରର ଭୂମିକା ଯଥା-ଅସମ୍ବନ୍ଧ, ଅନୁକୂଳ,ଆଲୋଚନା-ପର୍ଯ୍ୟାଲୋଚନା ଏବଂ ଚିନ୍ତନଶୀଳତା ରହିଛି ।

ନୂତନ ଓ ପରିବର୍ତ୍ତନଶୀଳ ବିଶ୍ୱରେ ଶିକ୍ଷକମାନଙ୍କଠାରୁ ଅନେକ ଭୂମିକା ତୁଲାଇବା ପାଇଁ ଆଶା କରାଯାଉଛି । ନିମ୍ନରେ କେତେକ ଉଲ୍ଲେଖନୀୟ ଭୂମିକା ପ୍ରଦାନ କରାଗଲା:

- ଇ-ସଂସ୍କୃତି ବିକାଶ ଓ ସଂରକ୍ଷଣ
- ନେଟ୍‌ୱର୍କର ଏବଂ ପରିବର୍ତ୍ତନ ଏଜେଣ୍ଟ୍
- ଶିକ୍ଷଣ ପ୍ରୟୋଗକର୍ତ୍ତା ଏବଂ ସହଜକର୍ତ୍ତା
- ଶିକ୍ଷଣ ସାଧନ ବିକାଶ କର୍ତ୍ତା
- ବୈଷୟିକ ଶିକ୍ଷାଦାନକାରୀ
- ମୂଲ୍ୟାୟନକାରୀ
- କ୍ରିୟାତ୍ମକ ଗବେଷକ
- ବ୍ୟବହାର ବିଜ୍ଞାନୀ
- ପାଠ୍ୟକ୍ରମ ପ୍ରସ୍ତୁତକାରୀ ତଥା ବ୍ୟବହାରକାରୀ
- ନିର୍ଦ୍ଦେଶନ ବ୍ୟବସ୍ଥା ପ୍ରସ୍ତୁତକାରୀ

ପରନ୍ତୁ ଆମ ଶିକ୍ଷା ବ୍ୟବସ୍ଥା ଏହି ଧରଣର ଶିକ୍ଷକ ପ୍ରସ୍ତୁତ କରୁଛି କି ? ପ୍ରାଚୀନ କାଳର ଗୁରୁ ଏବଂ ଏକବିଂଶ ଶତାବ୍ଦୀର ଶିକ୍ଷକଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ମାତ୍ର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ଏଣୁ, ସେମାନଙ୍କୁ ତୁଳନା କରିବା ପୂର୍ବରୁ ବର୍ତ୍ତମାନର ଶିକ୍ଷା ବିଶେଷ କରି ପ୍ରାରମ୍ଭିକ ଶିକ୍ଷା ଯେଉଁ ଅବସ୍ଥା ଏବଂ ପରିସ୍ଥିତି ଦେଇ ଗତି କରିଛି ତାହା ଜାଣିବା ଏବଂ ଏହାସହିତ ଖାପଖୁଆଇବା ପାଇଁ ଶିକ୍ଷକଙ୍କ ପରିବର୍ତ୍ତିତ ଭୂମିକାକୁ ଜାଣିବା ଦରକାର । ଆର୍‌ଟିଇ(*RTE)* ମଧ୍ୟ ଶିକ୍ଷକଙ୍କ ଭୂମିକା ଓ ଦାୟିତ୍ୱ ନିର୍ଦ୍ଧାରଣ କରିଛି । ସେସବୁ ପରବର୍ତ୍ତୀ ଏକକରେ ଆଲୋଚନା କରାଯାଇଛି ।

## ୧.୩ ସାମ୍ପ୍ରତିକ ଭାରତୀୟ ଶିକ୍ଷାର ଉତ୍ପତ୍ତି: ପ୍ରାକ୍ ସ୍ୱାଧୀନତା ଯୁଗ

ବୈଦିକ ଯୁଗ ଶେଷ ଆଡକୁ ଏବଂ ମଧ୍ୟ ଯୁଗ ସମୟରେ ମିସ୍‌ନାରୀ ଓ ବିଭିନ୍ନ ଧର୍ମୀୟ ସଂଗଠନ ଗୀର୍ଜାଘରେ ଇଂରାଜୀ, ସ୍ଥାନୀୟ ମନ୍ଦିର ବିଦ୍ୟାଳୟରେ ସଂସ୍କୃତ ଏବଂ ମଦ୍ରାସାରେ ଉର୍ଦ୍ଦୁ ଓ ପାର୍ସୀ ଭାଷାରେ ସ୍ଥାନୀୟ ପିଲାଙ୍କୁ ଶିକ୍ଷାଦାନ କରୁଥିଲେ । ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଆଗମନ ଏବଂ ବ୍ରିଟେନ ସଂସଦ ଭଙ୍ଗ ହେବା ପର୍ଯ୍ୟନ୍ତ ଏହି ଧାରା ଚାଲିଥିଲା । ସମସାମୟିକ ସ୍ଥାନୀୟ ରାଜା ଓ ଧନାଢ଼୍ୟ ବ୍ୟକ୍ତିମାନେ ଏଥି ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ । ମାତ୍ର ଦେଶର ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ର ମୂଳଦୁଆ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ପଡ଼ିଥିଲା ।

ଟିପ୍ପଣୀ

ଚାର୍ଟର(ସନନ୍ଦ) ଆଇନ ବଳରେ ସରକାରୀଭାବେ ଭାରତରେ ରାଷ୍ଟ୍ରୀୟ ଶିକ୍ଷା ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଇଷ୍ଟ ଇଣ୍ଡିଆ କମ୍ପାନୀର ଚାର୍ଟର ପ୍ରତି କୋଡିଏ ବର୍ଷରେ ବ୍ରିଟେନ ସଂସଦରେ ନବୀକରଣ ହେଉଥିଲା । ୧୮୧୩ରେ ଚାର୍ଟର ନବୀକରଣ ସମୟରେ ବ୍ରିଟେନ ସଂସଦ ସାହିତ୍ୟର ପୁନରୁଦ୍ଧାର ଓ ପ୍ରଚାର, ଭାରତୀୟ ବିଦ୍ୱାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ବ୍ରିଟିଶ ଶାସନାଧିନ ଅଞ୍ଚଳର ଅଧିବାସୀଙ୍କ ମଧ୍ୟରେ ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ପ୍ରତି ବର୍ଷ ଏକ ଲକ୍ଷ ଟଙ୍କା ପୃଥକ୍ ଭାବେ ବ୍ୟବସ୍ଥା କରିବାକୁ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ । ଏଣୁ ପ୍ରଥମ କରି ସରକାରୀଭାବେ ରାଣୀଙ୍କ ଦ୍ୱାରା ଶିକ୍ଷା ନିମନ୍ତେ ଅର୍ଥ ବ୍ୟବସ୍ଥା କରାଯାଇଥିଲା ଏବଂ ଦେଶୀୟ ନାଗରିକଙ୍କ ଶିକ୍ଷା ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଉତ୍ତରଦାୟୀ କରାଯାଇଥିଲା ।

## ୧.୩.୧ ମକାଉଲେଙ୍କ ମିନିଟ୍ସ

ଲର୍ଡ଼ ମକାଉଲେ (ଥୋମାସ୍ ବବିଂଟନ୍ ମକାଉଲେ) ୧୮୩୪ ମସିଆ ଜୁନ୍ ୧୦ ତାରିଖରେ ଭାରତୀୟ ସର୍ବୋଚ୍ଚ ପରିଷଦ (ସୁପ୍ରିମ୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ)ର ସଦସ୍ୟଭାବେ ଭାରତ (ମାଡ୍ରାସ)ରେ ପହଞ୍ଚିଥିଲେ । ତତ୍କାଳୀନ ବଡ଼ଲାଟ ଥିଲେ ୱିଲିୟମ୍ ବେଣ୍ଟିକ୍ । ୧୮୩୮ ଆରମ୍ଭରେ ସେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ସେଠାରେ ତାଙ୍କ ଲେଖକ ଜୀବନ ଆରମ୍ଭ କରିଥିଲେ । ମକାଉଲେ ମାତ୍ର ଚାରି ବର୍ଷ ପାଇଁ ଭାରତରେ ରହିଥିଲେ, ମାତ୍ର ଲକ୍ଷ ଲକ୍ଷ ଭାରତୀୟଙ୍କ ଜୀବନର ଭାଗ୍ୟ ସେ ସବୁଦିନ ପାଇଁ ପ୍ରଭାବିତ କଲେ ।

**ଇଂରାଜୀର ଆଧିପତ୍ୟ:** ଜେନେରାଲ କମିଟି ଅନ୍ ପବ୍ଲିକ୍ ଇଂଷ୍ଟ୍ରକ୍ସନ୍‌ର ଅଧ୍ୟକ୍ଷ ଥିବା ଲର୍ଡ଼ ମକାଉଲେ ୧୮୩୫ ଜାନୁଆରୀରେ ଆଲୋଚନାରେ ଅଂଶଗ୍ରହଣ କରି ଏହି ପ୍ରସଙ୍ଗରେ ଏକ ସ୍ମାରକପତ୍ର (*Memorandum*)ପ୍ରସ୍ତୁତ କରିଥିଲେ ଓ ବଂଟନ କରିଥିଲେ । ସ୍ୱଦେଶୀ ସଂସ୍କୃତି ଓ ଶିକ୍ଷଣ, ସଂସ୍କୃତ, ଆରବିକ୍ ଓ ପାର୍ସୀ ସମ ସ୍ୱଦେଶୀ ଜ୍ଞାନ ଓ ଭାଷା ବିରୋଧରେ ସେ ଏକ ନିର୍ଣ୍ଣାୟକ ନିଷ୍ପତି ନେଇଥିଲେ ଏବଂ ପାଶ୍ଚାତ୍ୟ ବିଜ୍ଞାନ ଶିକ୍ଷା ଇଂରାଜୀ ମାଧ୍ୟମରେ ପ୍ରଦାନ ପାଇଁ ଜୋର୍ ଦେଇଥିଲେ । ତାଙ୍କର ଏହି ଆଭିମୁଖ୍ୟ ଭାରତୀୟ ଶିକ୍ଷା ଇତିହାସରେ ମକାଉଲେସ୍ ମିନିଟ୍ସ(୨) ଭାବେ ପରିଚିତ । ଆହୁରି ମଧ୍ୟ ଆମେ ଦେଖି ପାରିବା ଯେ ମକାଉଲେଙ୍କ ମିନିଟ୍ସ ଏତେ ପ୍ରଭାବଶାଳୀ ଥିଲା ଯେ ଏକ ସ୍ୱଦେଶୀ ଶିକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଚିନ୍ତା କରିବା ପାଇଁ ଆମକୁ ଶହେ ବର୍ଷ ଲାଗିଲା । ୱାର୍ଦ୍ଧା ସମ୍ମିଳନୀରେ ମହାତ୍ମା ଗାନ୍ଧି ୧୯୩୭ରେ ମୌଳିକ ଶିକ୍ଷା ବିଷୟରେ ପ୍ରସ୍ତାବ ରଖିଥିଲେ । ମକାଉଲେଙ୍କ ଦୁଇ ଶହ ବର୍ଷ ପରେ ଆଜି ବି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ମକାଉଲେଙ୍କ ଭୂତ ଦ୍ୱାରା ବିଭିନ୍ନ ଭାବରେ ସଂକ୍ରମିତ । ସେହି କାରଣରୁ ଆଜି ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇବାକୁ ପସନ୍ଦ କରୁଛନ୍ତି ।

ମକାଉଲେ ଉଭୟ ସ୍ୱଦେଶୀ ଭାଷା ଆରବିକ୍ ଓ ସଂସ୍କୃତକୁ ଇଂରାଜୀ ଭାଷା ବିରୋଧରେ ଅଗ୍ରାହ୍ୟ କରିଥିଲେ କାରଣ ଏହି ଦୁଇ ଭାଷା ତୁଳନାରେ ଇଂରାଜୀ ଉତ୍ତମ ବୋଲି ସେ ଭାବୁଥିଲେ । ସେ ଏକ ଅହଂକାରୀ ଭାବେ ମିଛ ଯୁକ୍ତି ବାଢୁଥିଲେ ଯେ, 'ଏକ ଭଲ ୟୁରୋପୀୟ ପାଠାଗାରର ଏକ ଥାକ ଭାରତ ଓ ଆରବର ପୂରା ସ୍ୱଦେଶୀ ସାହିତ୍ୟ ଠାରୁ ମୂଲ୍ୟବାନ ।ପାଶ୍ଚାତ୍ୟ ସାହିତ୍ୟର ଆନ୍ତଃ ପ୍ରାଧାନ୍ୟ ବାସ୍ତବରେ ପୂର୍ଣ୍ଣ ସ୍ୱୀକାର୍ଯ୍ୟ.....'(୩) । ସେ ଆହୁରି ମଧ୍ୟ କହିଛନ୍ତି, ' ଭାରତରେ ଶାସକଗୋଷ୍ଠୀର ଲୋକମାନେ ଇଂରାଜୀ କହନ୍ତି । ସରକାରରେ ଥିବା ସ୍ୱଦେଶୀ ଉଚ୍ଚ ବର୍ଗ (ସମ୍ଭ୍ରାନ୍ତ ଶ୍ରେଣୀ) ମଧ୍ୟ ଇଂରାଜୀ କହିଥାନ୍ତି'(୪) । ତାଙ୍କ ମତରେ, ' ଆରବିକ୍ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବ୍ୟୟ କରାଯାଉଥିବା ଅର୍ଥରାଶି ଖାଲି ନିଛକ କ୍ଷତି ନୁହେଁ, ଏହା ଭୁଲ୍ କରି ଚାମ୍ପିୟନ୍ ହେଉଥିବା ବ୍ୟକ୍ତିମାନଙ୍କ ଉତ୍ଥାନ ପାଇଁ ଦାଦା ବଟି ସଦୃଶ'(୫) ।

ସେ ଆହୁରି ମଧ୍ୟ କହିଥିଲେ, 'ଆମ ସୀମିତ ସମ୍ବଳରେ ଏତେ ସଂଖ୍ୟକ ଲୋକଙ୍କୁ ଶିକ୍ଷିତ କରିବା ଆମ ପାଇଁ ଅସମ୍ଭବ । ବର୍ତ୍ତମାନ ପାଇଁ ଆମେ ଏମିତି ଏକ ଗୋଷ୍ଠୀଙ୍କୁ ଗଠନ କରିବା, ଯେଉଁମାନେ ରକ୍ତ ଓ ରଙ୍ଗରେ ଭାରତୀୟ ଏବଂ ମତାମତ, ନୈତିକତା ଓ ବୁଦ୍ଧିମତାରେ ଇଂଲିଶ ଥିବା ଗୋଷ୍ଠୀଙ୍କ ମଧ୍ୟରେ ସମନ୍ୱୟ ରଖିବାରେ ସହାଯ୍ୟ କରିବେ । ସ୍ୱଦେଶୀ ଭାଷା, ସାହିତ୍ୟର ବିକାଶ ସେହି ଗୋଷ୍ଠୀ ହାତରେ ଛାଡ଼ି ଦିଆଯିବା ଆବଶ୍ୟକ, ଯେଉଁମାନେ ପାଶ୍ଚାତ୍ୟ ଭାଷା ସାହିତ୍ୟକୁ ଏବଂ ବିଜ୍ଞାନରୁ ଉଦ୍ଧୃତ ଶବ୍ଦାବଳୀ ଦ୍ୱାରା ସ୍ୱଦେଶୀ ଭାଷା ଏବଂ ଶିକ୍ଷାକୁ ପରିମାର୍ଜିତ କରିବେ ଏବଂ ଧୀରେଧୀରେ ସମସ୍ତ ଲୋକଙ୍କ ପାଖରେ ଏହି ଶିକ୍ଷାକୁ ପହଞ୍ଚାଇବେ ଏବଂ ଦେଶଜମାନଙ୍କୁ ଶିକ୍ଷା ଓ ଡିଗ୍ରୀ ପ୍ରଦାନ କରିବେ ଏହି ଗୋଷ୍ଠି ଆମ ଶାସକ ଗୋଷ୍ଠି ଏବଂଲକ୍ଷଲକ୍ଷ ଲୋକମାନେ ଯେଉଁମାନଙ୍କ ଉପରେ ଅମେ ଶାସନ କରୁଛେ ସେମାନଙ୍କ ମଧ୍ୟରେ ସମନ୍ୱୟ ରଖିବାରେ ସହାଯ୍ୟ କରିବେ ।

ମକାଉଲେଙ୍କ ମିନିଟସ ଏବଂ 'ଡାଉନ୍‌ୱାର୍ଡ଼ ଫିଲ୍‌ଟ୍ରେସନ୍ ଥିଓରୀ' ନୀତି ତତ୍କାଳୀନ ବଡ଼ଲାଟ ବେଂଟିକ୍‌ଙ୍କ ଦ୍ୱାରା ବ୍ରିଟେନ ସରକାରଙ୍କ ତରଫରୁ ଗୃହୀତ ହୋଇଥିଲା ମିନିଟ୍ସ ଏବଂ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଇଂରାଜୀକୁ ମାଧ୍ୟମଭାବେ ବ୍ୟବହାର କରିବାକୁ ସେ ନିର୍ଦ୍ଦେଶନାମା ଜାରି କରିଥିଲେ । ସେବେଠାରୁ ଦୁଇ ଶତାବ୍ଦୀ ଧରି ମକାଉଲେଙ୍କ କାର୍ଯ୍ୟ ବିବରଣ ଭାରତରେ ଶିକ୍ଷାର ଆଧାର ହୋଇଥିଲା । ଭାରତୀୟ ଶିକ୍ଷା ମକାଉଲେଙ୍କ ମିନିଟ୍ସ ଦ୍ୱାରା ପ୍ରଭାବିତ ହୋଇଥିଲା ଏବଂ ସ୍ୱାଧୀନତା ପରେ ବି ଆମେ ଇଂରାଜୀକୁ ନିର୍ଦ୍ଦେଶନର ମାଧ୍ୟମଭାବେ ଗ୍ରହଣ କରିଥିଲେ ।

**ନିଜ ପ୍ରଗତିକୁ ପରଖି ଦେଖ - ୨**

(କ) 'ଡାଉନ୍‌ୱାର୍ଡ୍ ଫିଲ୍‌ଟ୍ରେସନ୍ ଥିଓରୀ' କ'ଣ ବର୍ଣ୍ଣନା କର ?

..............................................................................

..............................................................................

..............................................................................

(ଖ) କ'ଣ ପାଇଁ ମକାଉଲେ ସ୍ୱଦେଶୀ ସାହିତ୍ୟ ପରିବର୍ତ୍ତେ ଇଂରାଜୀର ପ୍ରସାର ପାଇଁ ସରକାରୀ ପାଣ୍ଠି ବ୍ୟୟ କରିବାକୁ ପ୍ରସ୍ତାବ ଦେଇଥିଲେ ?

..............................................................................

..............................................................................

..............................................................................

## ୧.୩.୨ ଉଡ୍‌ସ ଡିସ୍‌ପାଚ୍

**ବ୍ୟାପକ ଶିକ୍ଷା ପ୍ରଣାଳୀ ଏବଂ ସାଂଗଠନିକ ସଂରଚନା:** ତୁମେ ଦେଖିଲ ଯେ ମକାଉଲେଙ୍କ ମିନିଟ୍ସ କେମିତି ଲର୍ଡ୍ ୱିଲିୟମ୍ ବେଂଟିକ୍‌ଙ୍କ ଶିକ୍ଷାନୀତିକୁ ପ୍ରଭାବିତ କରିଥିଲା; ଯାହା ପରବର୍ତ୍ତୀ ୪୦ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ୧୮୫୩ରେ ଯେତେବେଳେ କମ୍ପାନୀ ଚାର୍ଟର ପୁଣି ବିଚାର ପାଇଁ ଆଗତ ହେଲା, ବ୍ରିଟେନ ସଂସଦ ଭାରତରେ ଶିକ୍ଷାର ଅଗ୍ରଗତି ସମୀକ୍ଷା କଲେ । ପର୍ଯ୍ୟବେକ୍ଷଣ ଓ ସଂସ୍କାର ପ୍ରସ୍ତାବମାନ ଚାର୍ଟର ଅଫ୍ ଏଜୁକେସନ୍ ବା ଶିକ୍ଷା ସନନ୍ଦ ଯାହା ଉଡ୍‌ସ ଡିସ୍‌ପାଚ୍ ନାମରେ ୧୮୫୪(୮)ରେ ଜାରି କରାଗଲା । ଉଡ୍‌ସ ଡିସ୍‌ପାଚ୍ ଭାରତରେ 'ଶିକ୍ଷାର ମାଗ୍‌ନା କାର୍ଟା'ଭାବେ ବିବେଚନା କରାଗଲା ।

ଏହି ଡିସ୍‌ପାଚ୍ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟାପକ ଶୈକ୍ଷିକ ଦଲିଲ୍ ଥିଲା ଏବଂ ଭାରତୀୟ ଶିକ୍ଷା ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲା । ଏହା ଭାରତୀୟଙ୍କ ଶିକ୍ଷାର ଦାୟିତ୍ୱ କମ୍ପାନୀ ଉପରେ ପୂର୍ଣ୍ଣ ନ୍ୟସ୍ତ କରିଥିଲା ଏବଂ ଏହାକୁ କୌଣସି ସ୍ଥିତିରେ ଅବହେଳିତ କରାଯିବା ଅନୁଚିତ ବୋଲି ସ୍ପଷ୍ଟ କରିଥିଲା । ଡିସ୍‌ପାଚ୍ ଭାରତରେ ଶିକ୍ଷାକୁ ନୂଆ ଦିଗ୍‌ଦର୍ଶନ ଦେଇଥିଲା, ଯାହା ଆଜି ବି ଦେଶର ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରୁଛି ।

ୟୁରୋପୀୟ କଳା, ବିଜ୍ଞାନ, ଦର୍ଶନ, ସାହିତ୍ୟକୁ ଇଂରାଜୀ ଜରିଆରେ ପ୍ରସାର କରିବା ତତ୍କାଳୀନ ଶିକ୍ଷାର ଲକ୍ଷ୍ୟ ଥିଲା । ଭାରତୀୟ ଭାଷାର ପ୍ରସାରକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଥିଲା । ସରକାରୀ କର୍ମଚାରୀଙ୍କ ଏକ ଗୋଷ୍ଠୀ ସୃଷ୍ଟି ଏହାର ଏକ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଥିଲା । ଏହି ଉଦ୍ଦେଶ୍ୟ ସାଧନ ପାଇଁ ଗଣଶିକ୍ଷାର ସମ୍ପ୍ରସାରଣକୁ ପ୍ରାଧାନ୍ୟ ଦିଆଯାଇଥିଲା ।

ପ୍ରତ୍ୟେକ ପ୍ରଦେଶ ବେଙ୍ଗଲ, ବମ୍ବେ, ମାଡ୍ରାସ, ପଞ୍ଜାବ ଓ ଉତର ପଶ୍ଚିମ ପ୍ରଦେଶରେ ଗୋଟିଏ



ଟିପ୍ପଣୀ

ଲେଖାଏଁ ଡିପାଟମେଂଟ ଅର୍ଫ ପବ୍ଲିକ୍ ଇଂଷ୍ଟ୍ରକ୍ସନ ସ୍ଥାପନ ପାଇଁ ଉଡ଼୍ସ ଡିସ୍‌ପାଚ୍ ପ୍ରଥମ ଥର ପାଇଁ ସୁପାରିସ କରିଥିଲା । ଉଚ୍ଚଶିକ୍ଷା ପାଇଁ ପୂର୍ଣ୍ଣ ସାଂଗଠନିକ ଢାଞ୍ଚା ସହିତ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଥିଲା । ସେମାନେ ପରୀକ୍ଷା ପରିଚାଳନା କରିବେ ଏବଂ ବିଭିନ୍ନ ବିଷୟ ଓ ଭାଷାରେ ଡିଗ୍ରୀ ପ୍ରଦାନ କରିବେ ବୋଲି ସ୍ଥିର କରାଯାଇଥିଲା । ଏହା ପ୍ରଥମ କରି ୧୮୫୭ରେ ତିନିଟି ବିଶ୍ୱବିଦ୍ୟାଳୟ କଲିକତା, ବମ୍ବେ, ମାଡ୍ରାସ୍‌ରେ ପ୍ରତିଷ୍ଠା ପାଇଁ ବାଟ ଫିଟାଇଥିଲା

ଶିକ୍ଷାର ବିଭିନ୍ନ ଦିଗ ଯେମିତି କି ଦେଶରେ ଶ୍ରେଣୀବଦ୍ଧ ବିଦ୍ୟାଳୟ ଯଥା-ପ୍ରାରମ୍ଭିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ସମନ୍ୱିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଇତ୍ୟାଦି ପ୍ରତିଷ୍ଠା, ବିଦ୍ୟାଳୟଗୁଡ଼ିକୁ ଆର୍ଥିକ ସହାୟତା ପାଇଁ ଅନୁଦାନ ବ୍ୟବସ୍ଥା, ମହିଳାଙ୍କ ଶିକ୍ଷା ବ୍ୟବସ୍ଥା, ଶିକ୍ଷକଙ୍କୁ ତାଲିମ ଏବଂ ପେଶାଦାରୀ ବିକାଶ, ଜନସାଧାରଣଙ୍କ ଧନ୍ଦାମୂଳକ ଦକ୍ଷତା ବୃଦ୍ଧି ପାଇଁ ବୃତ୍ତିଗତ ଶିକ୍ଷା ନିମନ୍ତେ ଭେଷଜ, ଯାନ୍ତ୍ରିକ, ଆଇନ ଏବଂ ଅନ୍ୟାନ୍ୟ ବୃତ୍ତିଗତ ପ୍ରତିଷ୍ଠାନ ପ୍ରତିଷ୍ଠା, ଉଲ ଡିସ୍‌ପାଚ୍ ବହୁତ ଗୁରୁତ୍ୱପୂର୍ଣ୍ଣ ସୁପାରିଶ କରିଥିଲେ ।

ଭାରତରେ ଶୈକ୍ଷିକ ପ୍ରଗତି ନିମନ୍ତେ ଉଡ଼୍ସ ଡିସ୍‌ପାଚ୍‌ରେ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ମୌଳିକ ସୁପାରିସ ରହିଥିଲା । ଭାରତରେ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗ ଯଥା-ଶିକ୍ଷାର ଶ୍ରେଣୀକରଣ, ନିର୍ଦ୍ଦେଶନର ମାଧ୍ୟମ ଏବଂ ପ୍ରସ୍ତାବିତ ନୂଆ ଯୋଜନା ସଂକ୍ରାନ୍ତରେ ଏହା ନୂଆ ଦିଗ୍‌ଦର୍ଶନ ଦେଇଥିଲା ।

ଏହି ଦଲିଲର ମୁଖ୍ୟ ପ୍ରାବଧାନ ଅନେକ ଐତିହାସିକ ଗୁରୁତ୍ୱ ବହନ କରେ । ଏହା ମାଧ୍ୟମିକ ଶିକ୍ଷାକୁ ବିଶେଷ ପ୍ରୋତ୍ସାହନ ଏବଂ ପ୍ରାଥମିକ ଶିକ୍ଷାକୁ କିଛି ମାତ୍ରାରେ ପ୍ରୋତ୍ସାହନ ଯୋଗାଇଥିଲା । ଏଠାରେ ଆହୁରି ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ଦଲିଲ୍‌ର କେତେକ ଗୁରୁତ୍ୱପୂର୍ଣ୍ଣ ସୁପାରିଶକୁ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନଥିଲା ଏବଂ ଅନେକକୁ ଅଲଗା ରୂପରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ଦଲିଲ୍‌ର ପ୍ରଥମ ତିରିଶ ବର୍ଷ ପରେ ସରକାରୀ ପ୍ରତିଷ୍ଠାନ କ୍ରମଶଃ ବୃଦ୍ଧି ପାଇଥିଲା, ମାତ୍ର ଖ୍ରୀଷ୍ଟିଆନ୍ ମିସନାରୀ ବ୍ୟତୀତ ଅନ୍ୟ କୌଣସି ଘରୋଇ ପ୍ରତିଷ୍ଠାନର ପ୍ରଗତି ସେତେ ଉତ୍ସାହଜନକ ନଥିଲା ।

ଗଣ ଶିକ୍ଷାର ପ୍ରସାର ଯୋଜନା କାର୍ଯ୍ୟକାରୀ କରାଯାଇ ନଥିଲା କି ଆଞ୍ଚଳିକ ସ୍ତରରେ ଭର୍ଣ୍ଣାକୁଲାର ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ନଥିଲା । ବୈଶ୍ୱିକ ସାକ୍ଷରତାକୁ ଏହାର ବିଶେଷ ଯୋଗଦାନ ନ ଥିଲା । ଶହେ ବର୍ଷ ପରେ ବି ଭାରତୀୟଙ୍କ ଅଭିଳାଷ ଏହି ଡିସପାଚର ସୁପାରିଶ ପୁରଣ କରିପାରି ନଥିଲା । ତୁମେ ଜାଣ, ୧୮୫୭ ବିଦ୍ରୋହ ପରେ ପରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ବିଲୟ ଘଟିଥିଲା ଏବଂ ବ୍ରିଟିଶ ସିଂହାସନର ପ୍ରତ୍ୟକ୍ଷ ନିୟନ୍ତ୍ରଣକୁ ସରକାର ଆସିଥିଲା । ପରିଣାମ ସ୍ୱରୂପ ସାମ୍ରାଜ୍ୟ ସଶକ୍ତିକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା ଏବଂ ଶିକ୍ଷା କିଛି ମାତ୍ରାରେ ଉପେକ୍ଷିତ ହୋଇଥିଲା ।

**ନିଜ ପ୍ରଗତିକୁ ପରଖି ଦେଖ -୩**

(କ)-ଉଡ୍‌ସ ଡିସ୍‌ପାଚ୍‌ର ଦୁଇଟି ପ୍ରମୁଖ ସୁପାରିଶ ଉଲ୍ଲେଖ କର ?

..............................................................................

..............................................................................

..............................................................................

(ଖ)-ସାମ୍ପ୍ରତିକ ଶିକ୍ଷା ପ୍ରଣାଳୀର କେଉଁ ଦିଗ ଉଡ୍‌ସ ଡିସ୍‌ପାଚ୍ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲା ?

..............................................................................

..............................................................................

..............................................................................

## ୧.୩.୩ ହଣ୍ଟର୍ କମିଶନ୍ (ହଣ୍ଟର୍ ଆୟୋଗ)

**ଶିକ୍ଷାର ବ୍ୟବସାୟୀକରଣ:** ୧୮୫୪ରେ ଜାରି ଡିସ୍‌ପାଚ୍‌ର କାର୍ଯ୍ୟାନ୍ୱୟନ ତଦାରଖ ପାଇଁ ୧୮୮୨ରେ ହଂଟର୍ କମିଶନ୍ ନିଯୁକ୍ତ ହୋଇଥିଲେ । ଏହା ବିଦ୍ୟାଳୟ ଶିକ୍ଷାକୁ ଉପଯୁକ୍ତ ମାର୍ଗଦର୍ଶନ କରାଇବା ପାଇଁ ଉଚ୍ଚ ବିଦ୍ୟାଳୟର ଦୁଇଟି ଭାଗରେ ବିଭକ୍ତ କରିଥିଲା । ତନ୍ମଧ୍ୟରୁ ଗୋଟିଏ ଧାରା ବିଶ୍ୱବିଦ୍ୟାଳୟ ଶିକ୍ଷା ଉଦ୍ଦେଶ୍ୟରେ ଅଭିପ୍ରେତ ଥିଲାବେଳେ ଅନ୍ୟଟି ବାଣିଜ୍ୟିକ, ବୃତ୍ତିଗତ ଏବଂ ବୈଷୟିକ ଶିକ୍ଷା ଦିଗରେ ଥିଲା(୯) । ବିଦ୍ୟାଳୟ ପାଠ୍ୟକ୍ରମକୁ ବିଭାଜନ କରିବା ଏବଂ ବ୍ୟବସାୟୀକ ଶିକ୍ଷା ପ୍ରଚଳନ କରିବାର ଏହା ପ୍ରଥମ ଉଦ୍ୟମ ଥିଲା । ପରନ୍ତୁ, ହଂଟର କମିଶନ୍‌ଙ୍କ ସ୍ୱତନ୍ତ୍ର ସୁପାରିଶ ଓ ଗୁରୁତ୍ୱ ସତ୍ତ୍ୱେ ବାଣିଜ୍ୟିକ, ବୃତ୍ତିଗତ ଏବଂ ଅଣସାହିତ୍ୟ ଶିକ୍ଷା ସଂକ୍ରାନ୍ତ ପ୍ରସ୍ତାବକୁ ସରକାର ବା ଜନସାଧାରଣ ପ୍ରଶଂସା କରିନଥିଲେ । ଫଳରେ ସୁପାରିଶଗୁଡ଼ିକ ପୂର୍ଣ୍ଣଭାବେ ଉପେକ୍ଷିତ ହୋଇଥିଲା । ଏ ସଂକ୍ରାନ୍ତରେ ବିଗତ ୧୫୦ ବର୍ଷ ମଧ୍ୟରେ, ଏପରିକି ସ୍ୱାଧୀନ ଭାରତରେ ମଧ୍ୟ ସେମିତି ଆଖି ଦୃଶିଆ କିଛି ହୋଇନଥିଲା ।

## ୧.୩.୪ ବିଶ୍ୱବିଦ୍ୟାଳୟ କମିଶନ୍

**ବିଶ୍ୱବିଦ୍ୟାଳୟ ନିୟନ୍ତ୍ରଣରେ ଥିବା ବିଦ୍ୟାଳୟ ଶିକ୍ଷା:** ବ୍ରିଟିଶ ରାଜ ସମୟରେ ସ୍ଥାପିତ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥିତି ଓ ସମ୍ଭାବନା ପରଖିବା ନିମନ୍ତେ ୧୯୦୨ରେ ଏକ ନୂଆ କମିଶନ୍ ଗଠନ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ପ୍ରଶାସନକୁ ସ୍ୱୀକୃତି ପ୍ରଦାନ, ବିଶ୍ୱବିଦ୍ୟାଳୟ ଦ୍ୱାରା ମହାବିଦ୍ୟାଳୟଗୁଡ଼ିକର କଡ଼ା ଓ ବ୍ୟବସ୍ଥିତ ତଦାରଖ ଏବଂ ସହବନ୍ଧନ ଓ ପାଠ୍ୟକ୍ରମ ଏବଂ ପରୀକ୍ଷାରେ ପ୍ରମୁଖ ପରିବର୍ତ୍ତନ ସଂକ୍ରାନ୍ତରେ ଅଧିକ କଠୋର ସର୍ତ୍ତାବଳୀ ପାଇଁ କମିଶନ୍ ସୁପାରିଶ କରିଥିଲା । କମିଶନ୍ ସୁପାରିଶ ଅନୁସାରେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ବିଶ୍ୱବିଦ୍ୟାଳୟ ଅଧୀନରେ ରଖାଯାଇଥିଲା; ଯାହା ବିଦ୍ୟାଳୟ ଶିକ୍ଷା ପାଇଁ ଅଧିକ ପ୍ରାସଙ୍ଗିକ ଓ ଗୁରୁତ୍ୱପୂର୍ଣ୍ଣ ଥିଲା । ଭାରତୀୟ

ଟିପ୍ପଣୀ

ବିଶ୍ୱବିଦ୍ୟାଳୟ ଆଇନ ୧୯୦୪ ଅନୁସାରେ, ବିଦ୍ୟାଳୟଗୁଡ଼ିକୁ ବିଶ୍ୱବିଦ୍ୟାଳୟ ସ୍ୱୀକୃତି ପ୍ରଦାନ କରୁଥିଲା ଏବଂ ଏଥି ପାଇଁ ନୀତି, ନିୟମାବଳୀ ପ୍ରଣୟନ କରାଯାଉଥିଲା(୧୦) ।

## ୧.୩.୫ ସାଡ୍‌ଲର୍ କମିଶନ୍

**ଇଣ୍ଟର୍‌ମିଡିଏଟ୍ କଲେଜ୍ :** ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ବିକାଶ ହେଲା, ବିଶ୍ୱବିଦ୍ୟାଳୟ ଶିକ୍ଷାର ଉନ୍ନତି ପାଇଁ ମାଧ୍ୟମିକ ଶିକ୍ଷାର ଉନ୍ନତି; ଯାହା ୧୯୧୭ରେ ସାଡ୍‌ଲର୍ କମିଶନ୍ ନିରୀକ୍ଷଣ କରିଥିଲେ । ଏହି ଆଶଙ୍କା ମହାବିଦ୍ୟାଳୟ ଶିକ୍ଷାର ଦ୍ୱିବିଭାଜନ ପାଇଁ ବାଟ ଫିଟାଇଥିଲା । ଉଚ୍ଚଶିକ୍ଷାକୁ ମାଟ୍ରିକ୍ ପରୀକ୍ଷା ପରିବର୍ତ୍ତେ ମାଧ୍ୟମିକ ପରୀକ୍ଷାରେ ବିଭାଜନ କରିବାକୁ ସାଡ୍‌ଲର୍ କମିଶନ୍ ପ୍ରସ୍ତାବ ଦେଇଥିଲେ ଏବଂ ଇଣ୍ଟରମିଡିଏଟ୍ କଲେଜ ଗଠନ ପାଇଁ ପ୍ରସ୍ତାବ ବାଢ଼ିଥିଲେ; ଯାହା କଳା, ବିଜ୍ଞାନ, ଭେଷଜ, ଯାନ୍ତ୍ରିକ, ଶିକ୍ଷା ଆଦି ପାଇଁ ନିର୍ଦ୍ଦେଶନାମା ଯୋଗାଇବା ସହ ଏକ ସ୍ୱାଧୀନ ପ୍ରତିଷ୍ଠାନ ବା ବଛାବଛା ଉଚ୍ଚବିଦ୍ୟାଳୟ ସହ ସଂଲଗ୍ନ ହୋଇ କାର୍ଯ୍ୟ କରିବ । ମାଧ୍ୟମିକ ଶିକ୍ଷାର ପ୍ରଶାସନ ଓ ନିୟନ୍ତ୍ରଣ କ୍ଷମତା ସହ ଏକ ବୋର୍ଡ ଅଫ୍ ସେକେଣ୍ଡରୀ ଏବଂ ଇଣ୍ଟରମେଡିଏଟ୍ ଏଜୁକେସନ୍ ଗଠନ ପାଇଁ ଏହା ମଧ୍ୟ ସୁପାରିଶ କରିଥିଲା । ବୋଧହୁଏ ଆଜିର +୨ ମହାବିଦ୍ୟାଳୟ ବା କନିଷ୍ଠ ମହାବିଦ୍ୟାଳୟ ସଂକ୍ରାନ୍ତ ଅବଧାରଣାର ମଞ୍ଜି ସାଡ୍‌ଲର କମିଶନ୍ ବୁଣିଥିଲେ । ସାଡ୍‌ଲର୍ କମିଶନ୍‌ଙ୍କ ରିପୋର୍ଟ ବ୍ୟାପକ ଥିଲା ଏବଂ ଭାରତରେ ଅଧିକାଂଶ ବିଶ୍ୱବିଦ୍ୟାଳୟ ଏହାକୁ କାର୍ଯ୍ୟକାରୀ କରିଥିଲେ । ଇଂଟରମିଡିଏଟ୍ ଶ୍ରେଣୀକୁ ଉଚ୍ଚ ବିଦ୍ୟାଳୟ ସହ ଯୋଡ଼ିବା ଏବଂ ଉଚ୍ଚ ବିଦ୍ୟାଳୟ ଓ ଇଂଟରମିଡିଏଟ୍ ଶିକ୍ଷାକୁ ନିୟନ୍ତ୍ରଣ କରିବା ପାଇଁ ଏକ ଶିକ୍ଷା ବୋର୍ଡ଼ ପ୍ରତିଷ୍ଠା ସଂକ୍ରାନ୍ତରେ ପ୍ରଥମ ଥର ପାଇଁ ଏକ କମିଶନ୍ ସୁପାରିଶ କରିଥିଲା(୧୨) ।

## ୧.୩.୬ ହାର୍‌ଟଗ୍ କମିଟି

ଦେଶରେ ଶିକ୍ଷାର ସ୍ଥିତି ସମୀକ୍ଷା କରିବା ପାଇଁ ୧୯୨୦ରେ ଗଠିତ ହାର୍‌ଟଗ୍ କମିଶନ୍ ବିଶ୍ୱବିଦ୍ୟାଳୟର ମାଟ୍ରିକୁଲେସନ୍ ଶିକ୍ଷା ମାଧ୍ୟମିକ ଶିକ୍ଷାରେ ପୂର୍ଣ୍ଣମାତ୍ରାରେ ଆଧିପତ୍ୟ ବିସ୍ତାର କରିଥିବା ମତ ଦେଇଥିଲେ । ଏହି ତ୍ରୁଟି ସଂଶୋଧନ ପାଇଁ କମିଟି ନିର୍ଦ୍ଦିଷ୍ଟ ବୃତ୍ତି ବା ଧନ୍ଦା ପ୍ରତି ଆଗ୍ରହୀ ସଂଖ୍ୟାଧିକ ଛାତ୍ରଛାତ୍ରୀଙ୍କୁ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଅଟକାଇବା ଏବଂ 'ବିଦ୍ୟାଳୟ ପାଠ୍ୟକ୍ରମକୁ ଅଧିକ ବିବିଧ କରିବା' ପାଇଁ ସୁପାରିଶ କରିଥିଲା । କମିଟି ଆହୁରି ମଧ୍ୟ ସୁପାରିଶ କରିଥିଲା ଯେ ମିଡିଲ୍ ସ୍କୁଲ ଶିକ୍ଷା ପରେ ଅଧିକରୁ ଅଧିକ ଛାତ୍ରଙ୍କୁ ଶିଳ୍ପ ଓ ବାଣିଜ୍ୟରେ କ୍ୟାରିଅର୍ କରିବା ପାଇଁ ସୁଯୋଗ ଦେବା; ଯେଉଁଠାରେ ସେମାନେ ବୈଷୟିକ ଓ ଶିଳ୍ପଭିତ୍ତିକ ବିଦ୍ୟାଳୟରୁ ସ୍ୱତନ୍ତ୍ର ଜ୍ଞାନଲାଭ କରିପାରିବେ । କମିଟି ମଧ୍ୟ ଶିକ୍ଷକଙ୍କ ତାଲିମ ସଂକ୍ରାନ୍ତ ସମସ୍ୟା ଓ ମାଧ୍ୟମିକ ଶିକ୍ଷକଙ୍କ ସେବା ସର୍ତ୍ତାବଳୀ ସମୀକ୍ଷା କରିଥିଲା ।

ଟିପ୍ପଣୀ

## ୧.୩.୭ ସାପ୍ରୁ କମିଟି

**ବିବିଧ ବ୍ୟାବସାୟିକ ବା ବୃତ୍ତିଗତ ପାଠ୍ୟକ୍ରମ:** ଉତ୍ତର ପ୍ରଦେଶରେ ବେକାରି ସ୍ଥିତିର କାରଣ ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ୧୯୩୪ରେ ସାପ୍ରୁ କମିଶନ୍ ବସାଇଥିଲେ । ପ୍ରଚଳିତ ଶିକ୍ଷା ପ୍ରଣାଳୀ ବିଦ୍ୟାର୍ଥୀଙ୍କୁ ଜୀବନରେ କୌଣସି ବ୍ୟବସାୟ ବା ବୃତ୍ତି ପାଇଁ ନୁହେଁ କେବଳ ପରୀକ୍ଷା ଓ ଡିଗ୍ରୀ ପାଇଁପ୍ରସ୍ତୁତ କରାଉଥିବା କମିଶନ୍ ମତ ଦେଇଥିଲେ । ମାଧ୍ୟମିକ ସ୍ତରରେ ବିବିଧ ପାଠ୍ୟକ୍ରମର ଆବଶ୍ୟକତା ରହିଥିବା ମଧ୍ୟ କମିଟି ହୃଦୟଙ୍ଗମ କରିଥିଲେ । କମିଟି ଦେଇଥିବା ବିଭିନ୍ନ ପ୍ରସ୍ତାବ ହେଲା :

(କ) ମାଧ୍ୟମିକ ସ୍ତରରେ ବିବିଧ ପାଠ୍ୟକ୍ରମର ପ୍ରଚଳନ, ତନ୍ମଧ୍ୟରୁ ଗୋଟିଏ ପାଠ ବିଶ୍ୱବିଦ୍ୟାଳୟ ଡିଗ୍ରୀ ପ୍ରଦାନ କରିବାରେ ଅଗ୍ରସର ହେବା ପାଇଁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବା ।

(ଖ) ଇଂଟରମିଡିଏଟ୍ ସ୍ତର ଉଚ୍ଛେଦ ଓ ମାଧ୍ୟମିକ ସ୍ତର ଅବଧି ଏକ ବର୍ଷ ବୃଦ୍ଧି,

(ଗ) ନିମ୍ନ ମାଧ୍ୟମିକ ସ୍ତର ପରେ ବ୍ୟାବସାୟିକ ଶିକ୍ଷା ବା ବୃତ୍ତିଗତ ଶିକ୍ଷା ତାଲିମ ଆରମ୍ଭ ଏବଂ

(ଘ) ବିଶ୍ୱବିଦ୍ୟାଳୟ ସ୍ତରରେ ତିନି ବର୍ଷିଆ ଡିଗ୍ରୀ ପାଠ୍ୟକ୍ରମ ପ୍ରଚଳନ(୧୩) ।

## ୧.୩.୮ ଆବୋଟ୍ଟ-ଉଡ୍ ରିପୋର୍ଟ

**ପଲିଟେକ୍‌ନିକ୍:** କେନ୍ଦ୍ରୀୟ ଶିକ୍ଷା ପରାମର୍ଶଦାତା ବୋର୍ଡ଼ ଦ୍ୱାରା ୧୯୩୫ରେ ଗୃହୀତ ସଂକଳ୍ପ ଅନୁଯାଇ ସରକାରଙ୍କୁ ଧନ୍ଦାମୂଳକ / ବ୍ୟବସାୟିକ ଶିକ୍ଷାର ସମସ୍ୟା ସଂକ୍ରାନ୍ତରେ ପରାମର୍ଶ ଦେବାକୁ ଦୁଇ ବିଶେଷଜ୍ଞ ମେସର୍ସ ଆବୋଟ୍ଟ ଏବଂ ଉଡ୍‌ଙ୍କୁ ୧୯୩୬ରେ ଆମନ୍ତ୍ରଣ କରାଯାଇଥିଲା । ଉଭୟ ୧୯୩୭ରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ରିପୋର୍ଟରେ ସାଧାରଣ ଶିକ୍ଷା ପ୍ରଦାନ କରୁଥିବା ପ୍ରତିଷ୍ଠାନଗୁଡ଼ିକର ଅନୁକ୍ରମ ଅନୁସାରେ ବ୍ୟବସାୟିକ ବା ଧନ୍ଦାମୂଳକ ଶିକ୍ଷାର ଏକ ସମାନ୍ତରାଳ ପ୍ରତିଷ୍ଠାନମାନ ସ୍ଥାପିତ ହେବା ପାଇଁ ପ୍ରସ୍ତାବ ଥିଲା । ସେମାନଙ୍କ ସୁପାରିଶର ପରିଣାମ ସ୍ୱରୂପ ନୂଆ ପ୍ରକାରର ବୈଷୟିକ ପ୍ରତିଷ୍ଠାନ ପଲିଟେକ୍‌ନିକ୍ ଆତ୍ମପ୍ରକାଶ କରିଥିଲା । ପ୍ରଦେଶମାନେ ମଧ୍ୟ ଅଣ-ସାହିତ୍ୟ ପାଠ୍ୟକ୍ରମ ପ୍ରଦାନ କରୁଥିବା ବୈଷୟିକ, ବାଣିଜ୍ୟିକ ବା କୃଷିଭିତ୍ତିକ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିଥିଲେ(୧୪) ।

## ୧.୩.୯ ଜାକୀର ହୁସେନ୍ କମିଟି ରିପୋର୍ଟ

**ଓ୍ୱାର୍ଦ୍ଧା ଯୋଜନା ୧୯୩୭-ମୌଳିକ ଶିକ୍ଷା:** ୧୯୩୭ରେ ସାତଟି ପ୍ରଦେଶରେ ଦେଶୀୟ ପ୍ରତିନିଧିଙ୍କୁ ନେଇ ପ୍ରାଦେଶିକ ସରକାର ଗଠିତ ହେବା ପରେ ସେମାନେ ଶୈକ୍ଷିକ ସଂସ୍କାର ପ୍ରତି ଧ୍ୟାନ କେନ୍ଦ୍ରୀଭୂତ କରିଥିଲେ । ୧୯୩୭ ଅକ୍ଟୋବରରେ ଓ୍ୱାର୍ଦ୍ଧାରେ ଏକ ସର୍ବ ଭାରତୀୟ ଜାତୀୟ ଶୈକ୍ଷିକ

ସମ୍ମିଳନୀ ଆୟୋଜିତ ହୋଇଥିଲା ଏବଂ ସମଗ୍ର ଦେଶରେ ସାତ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ସେମାନଙ୍କ ମାତୃଭାଷାରେ ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ପାଇଁ ମହାତ୍ମା ଗାନ୍ଧି ଦେଇଥିବା ପ୍ରସ୍ତାବ ସମ୍ମିଳନୀରେ ସଂକଳ୍ପ ପାରିତ ହୋଇଥିଲା । ଏହି ସାତ ବର୍ଷର ସମୟ ଅବଧି ମଧ୍ୟରେ ଶିକ୍ଷାଦାନ ମାନୁଆଲ (ହାତରେ କରାଯାଉଥିବ କାମ) ଓ ଫଳପ୍ରଦ କାର୍ଯ୍ୟ ଆଧାରିତ ହେବାକୁ ପ୍ରସ୍ତାବ ମଧ୍ୟ ରହିଥିଲା । ଶିଶୁର ପରିବେଶକୁ ଦୃଷ୍ଟିରେ ରଖି ଅନ୍ୟ ସମସ୍ତ ଦକ୍ଷତା ବୃଦ୍ଧି ବା ତାଲିମକୁ ଯଥାସମ୍ଭବ କେନ୍ଦ୍ରୀୟ ହସ୍ତଶିଳ୍ପ ମଧ୍ୟରେ ସୀମିତ ରଖିବାକୁ ସ୍ଥିର ହୋଇଥିଲା । ସମ୍ମିଳନୀର ଆଶା ଥିଲା ଯେ ଏହି ଧରଣର ଶିକ୍ଷା ପ୍ରଣାଳୀ ଆତ୍ମପର୍ଯ୍ୟାପ୍ତ ହେବ ଏବଂ ଧୀରେ ଧୀରେ ଏହା ଶିକ୍ଷକଙ୍କୁ ଉପଯୁକ୍ତ ପାରିଶ୍ରମିକ ପ୍ରଦାନ କରାଇବ ।

ସେହି ଅନୁସାରେ, ଡଃ ଜାକୀର ହୁସେନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। । କମିଟି ୧୯୩୭ ଡିସେମ୍ବର ୨ ତାରିଖରେ ଏହାର ରିପୋର୍ଟରେ ପ୍ରଥମ ବିସ୍ତୃତ ଜାତୀୟ ଶିକ୍ଷା ଯୋଜନା ରିପୋର୍ଟ ପ୍ରସ୍ତୁତି ଓ ଦାଖଲ କରିଥିଲା; ଯାହା ଓ୍ୱାର୍ଦ୍ଧାସ୍କିମ ବା ବେସିକ୍ ଶିକ୍ଷା (୧୫) ଭାବେ ଜଣାଶୁଣା । ଏହି ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ହେଲା:

(୧) ସମ୍ପୂର୍ଣ୍ଣ ଶିକ୍ଷା କୌଣସି ମୌଳିକ ଶିଳ୍ପ(ବେସିକ୍ କ୍ରାଫ୍ଟ) ସହିତ କୌଣସି ଉଦ୍ୟୋଗ ବା ବ୍ୟବସାୟକୁ ଶିକ୍ଷା ନିର୍ଦ୍ଦେଶରେ କେନ୍ଦ୍ର ରୁପେ ଦିଆଯାଇ, ସମ୍ପୂର୍ଣ୍ଣ ଶିକ୍ଷା ନିର୍ଦ୍ଦେଶନର ମୌଳିକ ଶିଳ୍ପସଂସ୍ଥା ବା ବ୍ୟବସାୟିକ ସଂସ୍ଥା ମାଧ୍ୟମରେ ପ୍ରଦାନ କରାଯିବ । ସମାନ୍ୟ ଶିକ୍ଷା ସମେତ କେତେକ ହସ୍ତଶିଳ୍ପ ସଂକ୍ରାନ୍ତରେ ଶିକ୍ଷା ପ୍ରଦାନ କରିବା ଏହି ଯୋଜନାର ଲକ୍ଷ୍ୟ ନୁହେଁ, ବରଂ ଶିକ୍ଷାକୁ କୌଣସି ଶିଳ୍ପକଳା ସହ ଏକଭୁତ କରି ସମବାୟ ଏକୀକରଣ *(Integration)* ପଦ୍ଧତିରେ ଶିକ୍ଷାଦାନ ହେବା ଉଚିତ । ଏହା କାର୍ଯ୍ୟକୈନ୍ଦ୍ରିକ ଶିକ୍ଷା ଅଟେ ।

(୨) ଶିକ୍ଷା ଏପରି ଆତ୍ମନିର୍ଭର ଏବଂ ସ୍ୱାବଲମ୍ବୀ ହେବା ଉଚିତ୍, ଯେପରି ଏହା ଶିକ୍ଷକଙ୍କ ବେତନ ଦେବାରେ ସହାୟକ ହେବ । ଏହାର ଉଦ୍ଦେଶ୍ୟ ଶିକ୍ଷା ଶେଷରେ ବିଦ୍ୟାର୍ଥୀଙ୍କୁ ଆତ୍ମ ନିର୍ଭରଶୀଳ କରାଇବାରେ ସକ୍ଷମ ହେବ ।

(୩) ପ୍ରତ୍ୟେକ ବ୍ୟକ୍ତି ଜୀବନରେ ପ୍ରତ୍ୟକ୍ଷ ଶ୍ରମ ଜରିଆରେ ବଞ୍ଚିବା ପାଇଁ ରୋଜଗାର କରିବାର ଶିକ୍ଷା କରିବା ଉଚିତ । ଏଣୁ, ପ୍ରତ୍ୟକ୍ଷ ଶ୍ରମ ଜରିଆରେ ଶିକ୍ଷାକୁ ପ୍ରୋତ୍ସାହିତ କରାଯାଇଛି । ଜଣେ ବ୍ୟକ୍ତି ଅନ୍ୟର ଜୀବିକାକୁ ଛିନ୍ନ କରିପାରୁନଥିବାରୁ ଏହା ମଧ୍ୟ ଅଣ-ହିଂସାତ୍ମକ ।

(୪) ଘର, ଗୋଷ୍ଠୀ, ଶିଶୁର ଜୀବନ ଶୈଳୀ,ଗ୍ରାମ୍ୟ ଶିଳ୍ପ ଓ ଜୀବିକା ସହିତ ଶିକ୍ଷଣର ନିବିଡ଼ ସମନ୍ୱୟ ଥାଏ ।

ଶୈକ୍ଷିକ ନୀତି ପ୍ରସ୍ତୁତିରେ ଏହି ଦର୍ଶନର ଗଭୀର ପ୍ରଭାବ ଥିଲା । ବିଶେଷକରି, ସ୍ୱାଧୀନ ଭାରତର ସମ୍ବିଧାନରେ ସ୍ଥାନଲାଭ ପାଇଁ ପ୍ରାରମ୍ଭିକ ସ୍ତରରେ ଏବଂ ନିଃଶୁଳ୍କ ପ୍ରାଥମିକ ଶିକ୍ଷା ପ୍ରତି ଏହାର ବିଶେଷ ପ୍ରଭାବ ଥିଲା ।



ଟିପ୍ପଣୀ

## ୧.୩.୧୦ ସର୍ଜେଣ୍ଟ୍ ରିପୋର୍ଟ

**ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ :** ବିଶ୍ୱ ଯୁଦ୍ଧ ପରେ ୧୯୪୪ରେ ଶୈକ୍ଷିକ ବିକାଶ ସଂକ୍ରାନ୍ତରେ ସେଣ୍ଟ୍ରାଲ ଆଡ୍‌ଭାଇଜରୀ ବୋର୍ଡ ଅଫ୍ ଏଜୁକେସନ *(CABE)* ଏକ ସବିଶେଷ ରିପୋର୍ଟ ପ୍ରସ୍ତୁତ କରିଥିଲା । ଏହା ସର୍ଜେଣ୍ଟ୍ ରିପୋର୍ଟ (୧୬) ନାମରେ ପରିଚିତ । ୩ରୁ ୬ ବର୍ଷର ଶିଶୁଙ୍କ ପାଇଁ ପ୍ରାକ୍ ପ୍ରାଥମିକ ଶିକ୍ଷା, ୬ରୁ ୧୧ ବର୍ଷର ସମସ୍ତ ପିଲା(ଜୁନିୟର ବେସିକ୍)ଙ୍କ ପାଇଁ ସାମଗ୍ରିକ, ବାଧ୍ୟତାମୂଳକ ଏବଂ ନିଃଶୁଳ୍କ ପ୍ରାଥମିକ ମୌଳିକ ଶିକ୍ଷା ଏବଂ ୱାର୍ଦ୍ଧା ଯୋଜନାରେ ପ୍ରଦତ୍ତ ପ୍ରସ୍ତାବ ପରି ୧୧ରୁ ୧୪ ବର୍ଷର (ସିନିୟର ବେସିକ୍)ପିଲାଙ୍କ ପାଇଁ ବରିଷ୍ଠ ମୌଳିକ ବା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା; ଯାହା ସ୍କୁଲ କ୍ୟାରିଅର୍‌ର ଚୂଡ଼ାନ୍ତ ପର୍ଯ୍ୟାୟ ଭିତ୍ତିରେ ଏକ ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ସପକ୍ଷରେ ଏହି ରିପୋର୍ଟ ଗୁରୁତ୍ୱାରୋପ କରିଥିଲା । ମାଧ୍ୟମିକ ସ୍କୁଲ୍ ସ୍ତରରେ ବିଭିନ୍ନ ପ୍ରକାର ପାଠ୍ୟକ୍ରମ ବ୍ୟବସ୍ଥା ରହିବା ସପକ୍ଷରେ ରିପୋର୍ଟ ମତ ରଖିଥିଲା । ଏହିସବୁ ପାଠ୍ୟକ୍ରମ ଏମିତି ପ୍ରସ୍ତୁତ ହେବ ଯେମିତି ଏହା ବିଦ୍ୟାର୍ଥୀଙ୍କୁ କୌଣସି ଶିଳ୍ପସଂସ୍ଥା ବା ବ୍ୟବସାୟରେ ପ୍ରବେଶ ସମେତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ପାଇଁ ପ୍ରସ୍ତୁତ କରିବ ।

ଏହା ଆହୁରି ମଧ୍ୟ ସୁପାରିଶ କରିଥିଲା ଯେ ଉଚ୍ଚ ବିଦ୍ୟାଳୟ ଶିକ୍ଷା ୬ ବର୍ଷ ଅବଧିର ରହିବ । ନାମ ଲେଖାଇବାର ସ୍ୱାଭାବିକ ବୟସ ୧୧ । ଉଚ୍ଚ ବିଦ୍ୟାଳୟଗୁଡ଼ିକ ମୁଖ୍ୟତଃ ଦୁଇ ପ୍ରକାରର ଯଥା- (କ) ଶୈକ୍ଷିକ ଓ (ଖ) ବୈଷୟିକ । ବଛାବଛା ବିଦ୍ୟାର୍ଥୀଙ୍କ ପାଇଁ ଡିଗ୍ରୀ ପାଠ୍ୟକ୍ରମ ୩ ବର୍ଷର । ବିଦ୍ୟାର୍ଥୀଙ୍କୁ ଉନ୍ନତ ସାମଗ୍ରିକ ଶିକ୍ଷା ପ୍ରଦାନ ସମେତ ଶିକ୍ଷା ଶେଷ ପରେ ବିଦ୍ୟାର୍ଥୀଙ୍କୁ କ୍ୟାରିଅର୍ ଗଠନ ନିମନ୍ତେ ପ୍ରସ୍ତୁତ ରଖିବା ଉଭୟ ଶିକ୍ଷାର ଉଦ୍ଦେଶ୍ୟ । ସବୁ ଉଚ୍ଚ ବିଦ୍ୟାଳୟରେ ମାତୃଭାଷାରେ ଶିକ୍ଷାଦାନ କରାଯିବ ।

ପ୍ରାୟ କୋଡିଏ ବର୍ଷ ମଧ୍ୟରେ ବୟସ୍କ (ପ୍ରୌଢ଼) ନିରକ୍ଷରତାର ବିଲୟ, ଶିକ୍ଷକଙ୍କୁ ଉପଯୁକ୍ତ ତାଲିମ ପ୍ରଦାନର ପୂର୍ଣ୍ଣ ବ୍ୟବସ୍ଥା, ଶାରୀରିକ ଓ ମାନସିକ ଭିନ୍ନକ୍ଷମ ଶିଶୁଙ୍କ ପାଇଁ ବ୍ୟବସ୍ଥା, ବାଧ୍ୟତାମୂଳକ ଶାରୀରିକ ଶିକ୍ଷା, ସାମାଜିକ ଓ ଆମୋଦପ୍ରମୋଦ କାର୍ଯ୍ୟକଳାପ, ରାଜ୍ୟ ଓ କେନ୍ଦ୍ର ସ୍ତରରେ ଶିକ୍ଷା ବିଭାଗ ସ୍ଥାପନ ପ୍ରଭୃତି ପ୍ରମୁଖ ସୁପାରିଶ ସର୍ଜେଣ୍ଟ୍ ରିପୋର୍ଟ ଅନ୍ତର୍ଭୁକ୍ତ ।

ସର୍ଜେଣ୍ଟ୍ ରିପୋର୍ଟ ପ୍ରଥମ ବ୍ୟାପକ ଯୋଜନା ଥିଲା; ଯେଉଁଥିରେ ଶିକ୍ଷାର ସମସ୍ତ ସ୍ତର ଓ ଦିଗ-ପ୍ରାକ୍ ପ୍ରାଥମିକ, ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷା ସମେତ ବୈଷୟିକ, ବ୍ୟବସାୟୀକ/ ବୃତ୍ତିଗତ ଶିକ୍ଷା ଏବଂ ପେଶାଦାରୀ ଶିକ୍ଷା ସାମିଲ ହୋଇଥିଲା ।ସବୁ ବିଦ୍ୟାର୍ଥୀଙ୍କୁ ଏହା ସମାନ ସୁଯୋଗ ପ୍ରଦାନ କରିଥିଲା । ଶିକ୍ଷାଦାନ ବୃତ୍ତିକୁ ଏହି ରିପୋର୍ଟରେ ଉପଯୁକ୍ତ ଗୁରୁତ୍ୱ ମଧ୍ୟ ପ୍ରଦାନ କରାଯାଇଥିଲା । ଶିକ୍ଷକଙ୍କ ବେତନ ହାର ବୃଦ୍ଧି ଏବଂ ଚାକିରି ସର୍ତ୍ତାବଳୀକୁ ମଧ୍ୟ ସମ ପରିମାଣରେ ଗୁରୁତ୍ୱ ଦିଆଯାଇଥିଲା । ଉତ୍ପାଦନକ୍ଷମ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲାବେଳେ ଦେଶର

ଟିପ୍ପଣୀ

ନିଯୁକ୍ତି ସମସ୍ୟାକୁ ଗୁରୁତ୍ୱ ଦିଆଯାଇଥିଲା ଏବଂ ଶିକ୍ଷା ହିଁ ଏହାର ସମାଧାନର ଉପାୟ ବୋଲି ସ୍ୱଷ୍ଟ କରାଯାଇଥିଲା । ଏହି ସବୁ ସୁପାରିଶ ସ୍ୱାଧୀନ ଭାରତରେ ଶିକ୍ଷା ପାଇଁ ସୁସ୍ଥ ବାତାବରଣ ସୃଷ୍ଟିକାରୀ ହୋଇଥିଲା ।

## ୧.୪ ସାରାଂଶ

ଏହା ପାଠ୍ୟକ୍ରମର ପ୍ରଥମ ଏକକ: ଭାରତରେ ପ୍ରାରମ୍ଭିକ ଶିକ୍ଷା: ଏକ ସାମାଜିକ ସାଂସ୍କୃତିକ ପ୍ରେକ୍ଷପଟ; ଯେଉଁଥିରେ ପ୍ରାଚୀନ ଭାରତରୁ ଆରମ୍ଭ କରି ପ୍ରାକ୍ ସ୍ୱାଧୀନତା ସମୟ ପର୍ଯ୍ୟନ୍ତ ଭାରତୀୟ ଶିକ୍ଷା ପ୍ରଣାଳୀକୁ ଚିତ୍ରଣ କରିବାକୁ ପ୍ରଚେଷ୍ଟା କରାଯାଇଛି । ବୈଦିକ ଯୁଗରେ ଭାରତରେ ଅନୁସୃତ ଶିକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଏହି ଅଧ୍ୟାୟରେ ସମ୍ୟକ ଧାରଣା ଦିଆଯାଇଛି । ସେହିସବୁ ସମୟରେ ଶିକ୍ଷାକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଥିଲା ଏବଂ ଜ୍ଞାନକୁ ତୃତୀୟନେତ୍ରର ଶକ୍ତିଭାବେ ବିବେଚନା କରାଯାଉଥିଲା । ଶିକ୍ଷାର ମୂଳ ଲକ୍ଷ୍ୟ ଯେ କାମନା, ବାସନାରୁ ମୁକ୍ତି ପ୍ରଦାନ ପାଇଁ ଉଦ୍ଦିଷ୍ଟ ଥିଲା ତାହା ନିଃସନ୍ଦେହ । ସାଂସାରିକ ବ୍ୟାପାରରେ ବ୍ୟକ୍ତିର ଦକ୍ଷତା ବୃଦ୍ଧି ବ୍ୟତିରେକ ବୃତ୍ତି, ଐଶ୍ୱରୀୟ ବୁଝାମଣା, ଚରିତ୍ର ଗଠନ, ବ୍ୟକ୍ତିତ୍ୱ ବିକାଶ, ସଂସ୍କୃତି ସୃଷ୍ଟି, ସଂରକ୍ଷଣ ଏବଂ ବିତରଣ ପାଇଁ ଜ୍ଞାନଲାଭ କରାଯାଉଥିଲା; ଯାହା ପ୍ରାଚୀନ ଭାରତରେ ଶିକ୍ଷାର ଅନ୍ୟ ଲକ୍ଷ୍ୟ ଥିଲା ।

ଗୁରୁକୁଳରେ ଶିକ୍ଷା ପ୍ରଦାନ କରାଯାଉଥିଲା; ଯାହା ଜନବସତିଠାରୁ ସାମାନ୍ୟ ଦୂରରେ ଅବସ୍ଥିତ ଥିଲା । ସମାଜରେ ସେମାନଙ୍କ ସ୍ଥିତି ସତ୍ତ୍ୱେ ଗୁରୁ ସବୁ ଶିଷ୍ୟଙ୍କୁ ସମାନ ଆଖିରେ ଦେଖୁଥିଲେ । ପ୍ରତ୍ୟେକ ଶିଷ୍ୟଙ୍କ ଶିକ୍ଷାର ଅଭିଭାବକ ଥିଲେ ଗୁରୁ । ଶିକ୍ଷାଦାନ ମୁଖ୍ୟତଃ ମୌଖିକ ଓ ଗୁରୁ-ଶିଷ୍ୟ ଆଲୋଚନା ପର୍ଯ୍ୟାଲୋଚନା ଥିଲା । ବାଖ୍ୟା, ଆଲୋଚନା, ତର୍କ, ଆବୃତ୍ତି ଶିକ୍ଷାର୍ଥୀ ଜୀବନର ଅଂଶ ବିଶେଷ ଥିଲା । ଗୁରୁକୁଳ ବ୍ୟବସ୍ଥା ମଧ୍ୟଯୁଗୀୟ ସମୟରେ ଏକ ନିରନ୍ତର ଆବଶ୍ୟକତା ଥିଲା । ଏହା ସହିତ ମୁସଲମାନ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ମସ୍‌ଜିଦ୍‌ରେ ମକ୍ତାବ ଓ ମଦ୍ରାସା ପ୍ରତିଷ୍ଠା କରାଯାଇଥିଲା । ଇସ୍‌ଲାମୀୟ ଶିକ୍ଷା ମୁଲ୍ଲା ଏବଂ ମୌଲବୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିଲା । ମଧ୍ୟଯୁଗୀୟ ସମୟରେ ମିସନାରୀ ଏବଂ ଅନ୍ୟ ଧର୍ମୀୟ ସଂଗଠନମାନ ଚର୍ଚ୍ଚରେ ଇଂରାଜୀରେ, ଦେଶୀୟ ମଠମନ୍ଦିରରେ ସଂସ୍କୃତରେ ଏବଂ ମଦ୍ରାସାରେ ପାର୍ସୀଭାଷାରେ ଶିକ୍ଷାଦାନ କରୁଥିଲେ । ଏହି ଧାରା ଇଷ୍ଟ୍ ଇଣ୍ଡିଆ କମ୍ପାନୀ ସ୍ଥାପନ ଏବଂ ବ୍ରିଟେନ ସଂସଦର ଅନ୍ତର୍ଭୁକ୍ତି ପର୍ଯ୍ୟନ୍ତ ଜାରି ଥିଲା । ପରନ୍ତୁ, ସାମ୍ପ୍ରତିକ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଆରମ୍ଭ ମକାଉଲେଙ୍କ ବିବରଣ ବା ମକାଉଲେସ୍ ମିନିଟ୍( ୧ ୯ ୧ ୮ )ରୁ ହୋଇଥିଲା । ମକାଉଲେ ଇଂରାଜୀ ତୁଳନାରେ ଦେଶୀୟ ଭାଷାକୁ ଅଗ୍ରାହ୍ୟ କରିଥିଲେ । ଯଦିଓ ମକାଉଲେ ଭାରତରେ ମାତ୍ର ୪ ବର୍ଷ ପାଇଁ ଅବସ୍ଥାନ କରିଥିଲେ, ଲକ୍ଷଲକ୍ଷ ଭାରତୀୟଙ୍କ ଜୀବନକୁ ସବୁଦିନ ପାଇଁ ସେ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲେ ।

ଏହି ଏକକ ଆହୁରି ମଧ୍ୟ ଉଡ୍‌ସ ଡିସ୍‌ପାଚ୍ ( ୧ ୮ ୫ ୩) ସଂକ୍ରାନ୍ତରେ ବର୍ଣ୍ଣନା କରିଛି; ଯାହା ଭାରତୀୟ ଶିକ୍ଷାକୁ ଏକ ପ୍ରଣାଳୀ ଓ ସାଂଗଠନିକ ସଂରଚନା ପ୍ରଦାନ କରିଥିଲା । ଉଡ୍‌ସ ଡିସ୍‌ପାଚ୍ ଏକ ବ୍ୟାପକ ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ଦଲିଲ୍, ଯାହାର ଭାରତୀୟ ଶିକ୍ଷା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ରହିଛି ।

ଟିପ୍ପଣୀ

ଆହୁରି ମଧ୍ୟ ଏହି ଏକକରେ ଶିକ୍ଷାର ବ୍ୟବସାୟୀକରଣ ସଂକ୍ରାନ୍ତରେ ହଣ୍ଟର୍ କମିଶନ୍( ୧୯୮୨ )ଙ୍କ ଗୁରୁତ୍ୱପୂର୍ଣ୍ଣ ସୁପାରିଶ ସ୍ଥାନ ପାଇଛି । ତା'ପରେ ବିଶ୍ୱବିଦ୍ୟାଳୟ କମିଶନ୍ ( ୧୯୦୨ ) ରିପୋର୍ଟ ରହିଛି । ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ବିଶ୍ୱବିଦ୍ୟାଳୟ ନିୟନ୍ତ୍ରଣାଧୀନ କରାଯାଇଥିଲା । ଏହି ଏକକରେ ହାର୍ଟଗ୍ କମିଟି, ସାପ୍ରୁ କମିଟି ଏବଂ ଆବୋଟ-ଉଡ୍ ରିପୋର୍ଟ, ଜାକୀର ହୁସେନ୍ କମିଟି ରିପୋର୍ଟ, (ୱାର୍ଦ୍ଧା ଯୋଜନା-୧୯୩୭) ଏବଂ ସର୍ଜେଣ୍ଟ୍ ରିପୋର୍ଟ (ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ସଂକ୍ରାନ୍ତ) ବିଷୟରେ ଆଲୋଚନା କରାଯାଇଛି । ଏହା ଉଲ୍ଲେଖ କରିବାକୁ ରୁଚିକର ଯେ ରିପୋର୍ଟ ଶିକ୍ଷାର ସମସ୍ତ ସ୍ତର ଓ ଦିଗର ବିସ୍ତୃତ ଯୋଜନା ଥିଲା । ସ୍ୱାଧୀନ ଭାରତରେ ଶିକ୍ଷା ପାଇଁ ଏହିସବୁ ସୁପାରିଶ ଶିକ୍ଷାବିତ୍ ମାନଙ୍କୁ ନୂତନ ଏବଂ ଅଭିନବ ପଦ୍ଧତି ଖୋଜିବାହାର କରିବା ପାଇଁ ଏକ ପ୍ରଶସ୍ତ ମାର୍ଗ ଦେଖାଇଥିଲା ।

## ୧.୫ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚି


1. Altekar, A. S.( 1951) Education in Ancient India, Nand Kishore & Bros, Educational Publishers(Fourth Edition), Banaras
2. Govt. of India (1965) Minute by the Hon'ble T. B. Macaulay, dated the 2nd February 1835: Bureau of Education. Selections from Educational Records, Part I (1781-1839). Edited by H.Sharp. Calcutta: Superintendent, Government Printing, 1920 (Reprint). Delhi: National Archives of India, 1965, 107-117.
3. Macaulay's Minute, 1835. Ibid, (p.10)
4. Macaulay's Minute, 1835. Ibid, (p.12)
5. Macaulay's Minute, 1835, Ibid, (p.24)
6. Macaulay's Minute, 1835, Ibid, (p.34)
7. Education Commissions and Committees in Retrospect, http://www.education.nic.in/cd50years/g/W/16/0W160301.htm (Retrieved on 15.08.2011).
8. Report of the University Education Commission, (Radhakrishnan Commission), 1948-49, Vol. I, PP. 20-21. See also Report of the Secondary Education Commission, (Mudliyar Commission), 1952, p. 11.
9. Report of the University Education Commission, Vol. I, op. cit., pp. 22-23 and Report of the Secondary Education Commission, op. cit., pp. 11-13. See also
10. Mukherji, S. N. (1966): History of Education in India (pp. 167-68.)
11. Mukherji, op. cit., (pp. 187-189)
12. Ibid., (pp. 13-14)

13. Report of the Secondary Education, Commission, op. cit. (pp. 14-15)
14. Nurullah Syed and Naik J.P.( 1951): "A History of Education in India," Macmillan, Bombay.
15. Chaube, S.P., "History of Indian Education, "Vinod Pustak Mandir, Agra, 2005.
16. Wardha Education Scheme, 1937 http://www.education.nic.in/cd50years/g/52/4U/524U0101.htm
17. The Sargent Report (1944) in Ram Nath Sharma, Rajendra Kumar Sharma (1996), History Of Education In India, Atlantic Publishers & Distributors, ISBN 8171565999, http://books.google.com/?id=yqtAAgS3NSEC
18. http://en.wikipedia.org/wiki/Magn*aCarta*


ଟିପ୍ପଣୀ

## ୧.୬ ପାଠାନ୍ତ ପ୍ରଶ୍ନାବଳୀ

୧- ଜଣେ ପେଶାଦାର ଶିକ୍ଷକଭାବେ ପ୍ରାଚୀନ ଗୁରୁଙ୍କ କେଉଁସବୁ ଗୁଣକୁ ତୁମେ ଆପଣେଇବାକୁ ପସନ୍ଦ କରିବ ? ତୁମ ଯୁକ୍ତି ସପକ୍ଷରେ ତିନିଟି କାରଣ ଲେଖ । ଜଣେ ଶିକ୍ଷକଭାବେ ତୁମ ବୃତ୍ତିଗତ ଜୀବନରେ ତୁମେ କେଉଁସବୁ ଗୁଣକୁ ଆପଣେଇବ ?

୨- ତୁମ ଅଞ୍ଚଳରେ ଏକ ନୂତନ ପ୍ରାରମ୍ଭିକ ବିଦ୍ୟାଳୟର ଆବଶ୍ୟକତା ଆକଳନ ପାଇଁ ସର୍ବେକ୍ଷଣ କର । କେଉଁ ପ୍ରକାରର ବିଦ୍ୟାଳୟକୁ ଅଧିକାଂଶ ଅଭିଭାବକ (ପିତାମାତା) ପସନ୍ଦ କରୁଛନ୍ତି ବାଛ । ସେମାନଙ୍କ ପସନ୍ଦର ସମ୍ଭାବ୍ୟ କାରଣ ଲେଖ ଏବଂ ସେହି ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ଗୁଡ଼ିକର ପ୍ରସ୍ତାବ ଦିଅ ।